## ସଂକ୍ଷେପରେ

### ଭାଜପା ପକ୍ଷରୁ ସୁଶାସନ ଦିବସ ପାଳିତ



ମୁନିଗୁଡ଼ା,୨୫।୧୨(ଡି.ଏନ୍.ଏ.)- ରାୟଗଡ଼ା ଜିଲାର ମୁନିଗୁଡ଼ାସ୍ଥିତ ସୁଭଦ୍ରା-ଉଦ୍ଧବ ମଙ୍ଗଳ ଭବନ ପରିସରରେ ଭାଜପା ପକ୍ଷରୁ ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପାୟୀଙ୍କ ଜୟନ୍ତୀ ତଥା ସୁଶାସନ ଦିବସ ଶନିବାର ପାଳିତ ହୋଇଯାଇଛି। ଏହି ଅବସରରେ ଦଳର ଓବିସି ମୋର୍ଚ୍ଚାର ପ୍ରଥମ ଜିଲା କାର୍ଯ୍ୟକାରିଣୀ ବୈଠକ ହୋଇଥିଲା। ପ୍ରଥମେ ବାଜପାୟୀଙ୍କ ତୈଳଚିତ୍ରରେ ମାଲ୍ୟାର୍ପଣ କରାଯାଇଥିଲା। ଓବିସି ମୋର୍ଚ୍ଚା ରାଜ୍ୟ ସାଧାରଣ ସମ୍ପାଦକ ଜ୍ଞାନେନ୍ଦ୍ର ସ୍ୱାଇଁ, ସ୍ତମ୍ଭକାର ମନୋରଞ୍ଜନ ଦଳାଇ, ସାମାଜିକ କର୍ମୀ ଗୌରାଙ୍ଗ ଚରଣ ରାଉତ ପ୍ରମୁଖ ଉପସ୍ଥିତ ରହି ବାଜପାୟୀଙ୍କୁ ମନେପକାଇଥିଲେ। ଜିଲା ଓବିସି ମୋର୍ଚ୍ଚା ସଭାପତି ରୁଦ୍ର ପ୍ରସାଦ ମଗିଲିଙ୍କ ସଭାପତିତ୍ୱରେ ହୋଇଥିବା ବୈଠକରେ ରାଜ୍ୟ ଉପସଭାପତି ରାମଚନ୍ଦ୍ର ବେହେରା, ରାଜ୍ୟ ସଂଯୋଜକ ଜି. ବୀରଭଦ୍ର ଆଚାରୀ, ଜିଲା ସଭାପତି ଶିବ ପଟ୍ଟନାୟକ, ସାଧାରଣ ସମ୍ପାଦକ ହରେକୃଷ୍ଣ ପାଢ଼ୀ, କିଶୋର ପଣ୍ଡା, ଦାମୋଦର କଂସବେହେରା, ମହିଳା ମୋର୍ଚ୍ଚା ସଭାନେତ୍ରୀ ରଞ୍ଜନା ଉପାଧ୍ୟାୟ, ଜିଲା ସମ୍ପାଦିକା ସୁଶୀଳା ସରାଫ, ମଣ୍ଡଳ ସଭାପତି ଜଗା ଶବର, ରୟତି ଦଣ୍ଡସେନା, ଜନଜାତି ମୋର୍ଚ୍ଚା ସଭାପତି ରମେଶ ପାଣି, ଓବିସି ମଣ୍ଡଳ ସଭାପତି ଭୋଳାନାଥ ଦୁବେ ପ୍ରମୁଖ ଉପସ୍ଥିତ ରହି ଓବିସିଙ୍କୁ ସେମାନଙ୍କ ସାମ୍ବିଧାନିକ ଅଧିକାରରୁ ବଞ୍ଚିତ କରାଯିବାକୁ ନେଇ କ୍ଷୋଭ ପ୍ରକାଶ କରିଥିଲେ। ଓଡ଼ିଶାରେ ସୁଶାସନ ପ୍ରତିଷ୍ଠା କରିବାକୁ ହେଲେ ଶାସନ ବ୍ୟବସ୍ଥାରେ ପରିବର୍ତ୍ତନ ପାଇଁ ଗୁରୁତ୍ୱାରୋପ କରାଯାଇଥିଲା।

### ବାଜପେୟୀଙ୍କ ଜୟନ୍ତୀ ପାଳିତ



କୋଷାଗୁମୁଡ଼ା/କୋଡ଼ିଙ୍ଗା,୨୫।୧୨ (ଡି.ଏନ୍.ଏ.)- ନବରଙ୍ଗପୁର ଜିଲା କୋଷାଗୁମୁଡ଼ା ବ୍ଲକ ଜୁନାପାଣିସ୍ଥିତ ଶିବ ମନ୍ଦିରରେ ଶନିବାର ଭାଜପା ପକ୍ଷରୁ ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ଜୟନ୍ତୀ ତଥା ସୁଶାସନ ଦିବସ ପାଳିତ ହୋଇଯାଇଛି। ଦଳୀୟ ନେତା ଓ କର୍ମକର୍ତ୍ତା ଉପସ୍ଥିତ ରହି ବାଜପେୟୀଙ୍କୁ ମନେପକାଇ ଭାରତ ପ୍ରତି ତାଙ୍କର ଅବଦାନ ଅତୁଳନୀୟ ବୋଲି କହିଥିଲେ। କାର୍ଯ୍ୟକ୍ରମକୁ ଯୁବ ନେତା ଗୌରୀ ମାଝି ପରିଚାଳନା କରିଥିବାବେଳେ ଜିଲା ସଭାପତି ଜଗଦୀଶ ବିଷୋୟୀ, ଉପ ସଭାପତି ସୁରେନ୍ଦ୍ର ବିଶୋଇ, ପୂର୍ବତନ ଏମ୍‌ପି ପର୍ଶୁରାମ ମାଝି, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ କୁଞ୍ଜ ବିହାରୀ ଦାସ, ଜିଲା ସମ୍ପାଦକ ସୀମାଞ୍ଚଳ ବିଶୋଇ, ମଣ୍ଡଳ ସଭାପତି ମହେନ୍ଦ୍ର ବିଶୋଇ ଓ ଦଳୀୟ କର୍ମୀ ଉପସ୍ଥିତ ଥିଲେ।

### ଆଶାକର୍ମୀ ଗିରଫ

ମାଲାକାନଗିରି ,୨୫।୧୨(ଡି.ଏନ.)- ମାଲାକନଗିରି ଜିଲା କୋରୁକୋଣ୍ଡା ବ୍ଲକ ଏମ୍‌ପିଭି-୧ ଗ୍ରାମର ଆଶାକର୍ମୀ ବେନିୟମ ଭାବେ ଜଣେ ମହିଳାଙ୍କ ଗର୍ଭପାତ କରି ଗିରଫ ହୋଇ କୋର୍ଟଚାଲାଣ ହୋଇଛନ୍ତି। ତାଙ୍କ ନାମ ଦିପାଲୀ ରାୟ। ସେ ସମ୍ପୃକ୍ତା ମହିଳା ଗର୍ଭପାତ କରିଥିବା ଜଣାପଡିବା ପରେ ଏନେଇ ଅଭିଯୋଗ ହୋଇଥିଲା। ଘଟଣାର ତଦନ୍ତ କରାଯାଇ ତାଙ୍କ ବିରୋଧରେ ଏହି ପଦକ୍ଷେପ ନିଆଯାଇଥିବା ମାଲକାନଗିରି ଥାନା ଅଧିକାରୀ ରାମପ୍ରସାଦ ନାଗ କରିଛନ୍ତି। କେସ୍ ନଂ. ୪୬/୨୧।

### ସୁଶାସନ ଦିବସ ପାଳିଲା ଭାଜପା



ଉମରକୋଟ,୨୫।୧୨(ସ୍ୱ.ପ୍ର.)- ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତରତ୍ନ ଅଟଳ ବିହାରୀ ବାଜପେୟୀଙ୍କ ଜନ୍ମ ଦିନକୁ ଶନିବାର ଭାଜପା ସୁଶାସନ ଦିବସ ଭାବେ ପାଳନ କରିଛି। ଉମରକୋଟ ବ୍ଲକର ୨୬ଟି ପଞ୍ଚାୟତ ରେ ଏହି କାର୍ଯ୍ୟକ୍ରମ ପାଳିତ ହୋଇଛି। ଭାଜପା କର୍ମକର୍ତ୍ତା ଓ ସ୍ଥାନୀୟ ଅଞ୍ଚଳର ବୁଦ୍ଧିଜୀବୀ ବିଭିନ୍ନ ପଞ୍ଚାୟତରେ ବକ୍ତା ରୂପେ ଯୋଗଦେଇ ବାଜପେୟୀଙ୍କ ଜୀବନୀ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଶେଷରେ ଉମରକୋଟ ନଗରଠାରେ ମଧ ପାଳିତ ସୁଶାସନ ଦିବସ ପାଳିତ ହୋଇଥିଲା। କାର୍ଯ୍ୟକ୍ରମରେ ଉମରକୋଟ ବିଧାୟକ ନିତ୍ୟାନନ୍ଦ ଗଣ୍ଡ, ରାଜ୍ୟକାରିଣୀ ସଦସ୍ୟ ରମେଶ ସାହୁ, ରାବଣା ରାଓ, ପି ଚନ୍ଦ୍ର ରାଓ, ଅଶୋକ ପାଢ଼ୀ, ସୁରେଶ ଆଚାର୍ଯ୍ୟ, ଦେବାଶିଷ ଦାସ, ରାମ ନାୟକ, ଭଜନାଥ ଗଣ୍ଡ, ସୋନା ମାଝୀ, କୃଷ୍ଣ ଭତ୍ରା, ଆଶୁତୋଷ ମଣ୍ଡଳ, ସନତ ଠାକୁର, ଗୋପୀନାଥ ସାହୁ, କୃଷ୍ଣଚନ୍ଦ୍ର ଶତପଥୀ ପ୍ରମୁଖ ଅତିଥି ରୂପେ ଯୋଗ ଦେଇଥିଲେ।

# ଗାଁ ଗାଁରେ ସକ୍ରିୟ ହେଲେଣି ଆନ୍ଧ୍ର ଦଲାଲ

ବିଷମକଟକ,୨୫।୧୨(ଡି.ଏନ୍.ଏ.)–



ମଣ୍ଡି ସମ୍ମୁଖରେ ଅଟକି ଥିବା ଧାନଗାଡି ।

ରାୟଗଡ଼ା ଜିଲା ବିଷମକଟକ ବ୍ଲକରେ ମଣ୍ଡି ବ୍ୟବସ୍ଥାକୁ ନେଇ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଚାଷୀ ନିଜର ସମ୍ପୂର୍ଣ୍ଣ ଧାନ ବିକ୍ରି ପାଇଁ ଟୋକନ ମିଳୁ ନ ଥିବାରୁ ଚିନ୍ତାରେ ପଡ଼ିଛନ୍ତି। ଚଳିତ ଖରିଫ ଋତୁରେ ମଣ୍ଡିରେ ଚାଲିଥିବା ଧାନକିଣା ପ୍ରକ୍ରିୟାରେ ଜାଲ୍ କାଗଜପତ୍ର ଦାଖଲ ଓ ଜମି ନ ଥାଇ ମଧ୍ୟ ମଣ୍ଡିରେ ପଞ୍ଜୀକରଣ କରୁଥିବା ଲୋକଙ୍କୁ ଚିହ୍ନଟ କରାଯିବା ପରେ ମିଲର୍ସଙ୍କ ମଧ୍ୟରେ ଛନକା ପଶିଛି। କଟ୍‌ନି ଛଟ୍‌ନି କିପରି କରାଯିବ ସେ ନେଇ ଏବେ ମିଲର୍ସମାନେ ସକ୍ରିୟ ହୋଇଛନ୍ତି। ଅନ୍ୟପକ୍ଷରେ ଚାଷୀଙ୍କଠାରୁ ଏକର ପିଛା ମାତ୍ର ୧୩ କୁଇଣ୍ଟାଲ ଧାନ କିଣା ନିମନ୍ତେ ସରକାରଙ୍କ ପକ୍ଷରୁ ଟୋକନ ଦିଆଯାଉଛି। ବଳକା ଧାନ କେଉଁଠାରେ ବିକ୍ରି କରିବେ ସେ ନେଇ ଚାଷୀ ଚିନ୍ତାରେ ପଡ଼ିଛନ୍ତି। ଏହାକୁ ନେଇ ଅଭାବୀ ବିକ୍ରି ହେବା ଆଶଙ୍କା ଦେଖାଦେଇଛି।

**ସମସ୍ତ ଧାନ ବିକ୍ରି ପାଇଁ ଚାଷୀଙ୍କୁ ମିଳୁନି ଟୋକନ**

ବିଷମକଟକରେ ୪ ସ୍ଥାନରେ ମଣ୍ଡି ଖୋଲିଥିବା ବେଳେ ଚଳିତ ଖରିଫ ଋତୁରେ ୨୪୨ ଚାଷୀଙ୍କଠାରୁ ୧ ଲକ୍ଷ ୩୦ ହଜାର କୁଇଣ୍ଟାଲ ଧାନ ମଣ୍ଡି ଜରିଆରେ କିଣାଯିବା ପାଇଁ ନିଷ୍ପତ୍ତି ହୋଇଛି। ଅନେକ ଚାଷୀ ନିଜର ସମସ୍ତ ଧାନ ବିକ୍ରି କରିବା ପାଇଁ ଟୋକନ ପାଇନାହାନ୍ତି। ଏହାର ସୁଯୋଗ ନେଇ ପଡ଼ୋଶୀ ଆନ୍ଧ୍ରର ଦଲାଲ ଗାଁ ଗାଁରେ ସକ୍ରିୟ ହେଲେଣି। ଚାଷୀ ବାଧ୍ୟ ହୋଇ କମ୍ ମୂଲ୍ୟରେ ଧାନ ବିକ୍ରି କରୁଥିବା ମଧ୍ୟ ଅଭିଯୋଗ ହେଉଛି। ଦଲାଲମାନେ ଧାନ କୁଇଣ୍ଟାଲ ପିଛା ମାତ୍ର ୮୦୦ରୁ ୧୨୦୦ ଟଙ୍କାରେ କିଣି ନେଉଛନ୍ତି। ଋଣ ଟଙ୍କା କିପରି ଶୁଝିବେ ତାହା ଏବେ ଚାଷୀଙ୍କ ମୁଖ୍ୟ ଚିନ୍ତା ହୋଇଛି। ବିଷମକଟକ ବ୍ଲକରେ ୧୯୬୫ ଚାଷୀ ପଞ୍ଜୀକୃତ ହୋଇଥିବାବେଳେ ସେଥି ମଧ୍ୟରୁ ୨୪୦ ଜଣ ନକଲି ବୋଲି ଚିହ୍ନଟ କରାଯାଇଛି । ସରକାର ଧାନ କୁଇଣ୍ଟାଲ ପିଛା ଉଚ୍ଚମାନ ଧାନକୁ ୧୯୬୦ ଓ ସାମାନ୍ୟ ନିମ୍ନମାନର ଧାନକୁ ୧୯୪୦ ଟଙ୍କା ଦରରେ କିଣିବା ପାଇଁ ଧାର୍ଯ୍ୟ କରାଯାଇଛି। ତେବେ ଏ ପର୍ଯ୍ୟନ୍ତ ୩୧ ଚାଷୀଙ୍କଠାରୁ ୧୬୯୮ କୁଇଣ୍ଟାଲ ଧାନ କିଣାଯାଇଥିବା ସୂଚନା ମିଳିଛି।

## ଘରୋଇ ହିଂସା ଆଇନ ବିଷୟରେ ସଚେତନତା

### ଏନ୍‌ଏସ୍‌ଏସ୍ ପକ୍ଷରୁ ଶୀତକାଳୀନ ଶିବିର



ନବରଙ୍ଗପୁର,୨୫।୧୨(ବି.ପ୍ର.)

ନବରଙ୍ଗପୁର ମହିଳା ସ୍ନାତକ ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା (ଏନ୍‌ଏସ୍‌ଏସ୍) ପକ୍ଷରୁ ଚାଲିଥିବା ଶୀତକାଳୀନ ସ୍ୱତନ୍ତ୍ର ଶିବିର ଶନିବାର ୩ୟ ଦିନରେ ପହଞ୍ଚିଛି। ଏଥିରେ ଆଇନଜୀବୀ କିଶୋରୀ ପଟ୍ଟନାୟକଙ୍କୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ନାରୀମାନଙ୍କ ପାଇଁ ରହିଥିବା ବିଭିନ୍ନ ଆଇନ ସୁବିଧା ବିଶେଷକରି ଘରୋଇ ହିଂସା ଆଇନ ସମ୍ପର୍କରେ ସ୍ୱେଚ୍ଛାସେବୀଙ୍କୁ ସଚେତନ କରିଥିଲେ। ଏନ୍‌ଏସ୍‌ଏସ୍‌ର ପୂର୍ବତନ କାର୍ଯ୍ୟକ୍ରମ ଅଧିକାରୀ ରଞ୍ଜୁସା କୁମାରୀ ପ୍ରହରାଜ ସମାଜରେ ନାରୀମାନଙ୍କ ସ୍ଥାନ ଏବଂ ସୁରକ୍ଷା ବିଷୟରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମ ଅଧିକାରୀ ସୁନିତା ପତ୍ର, ଶିକ୍ଷା ବିଭାଗ ଅଧ୍ୟାପିକା ତାରାନମ ଆରା ଓ ପଞ୍ଚାନନ ଦାଶ ଉପସ୍ଥିତ ଥିଲେ।

## ଶୀଘ୍ର ରିପୋର୍ଟ ପାଇଁ ତାଗିଦ କଲେ ମାନବାଧିକାର କମିଶନ

ଟିକିରି,୨୫।୧୨(ଡି.ଏନ୍.ଏ.)

ରାୟଗଡ଼ା ଜିଲା କାଶୀପୁର ବ୍ଲକର ଜଣେ ଅନୁସୂଚିତ ଜାତିର ଛାତ୍ରୀଙ୍କୁ ଜାତିଗତ ପ୍ରମାଣପତ୍ର ଦେବାରେ କାଶୀପୁର ତହସିଲ କାର୍ଯ୍ୟାଳୟ ଟାଳଟୁଳ ନୀତି ଅବଲମ୍ବନ ଘଟଣାରେ ରାଜ୍ୟ ମାନବାଧିକାର କମିଶନ ରାୟଗଡ଼ା ଜିଲାପାଳଙ୍କୁ ତାଗିଦ କରିଛନ୍ତି। ଜାନୁୟାରୀ୧୩ ସୁଦ୍ଧା ଏ ନେଇ ରିପୋର୍ଟ ଦାଖଲ ପାଇଁ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି। ସୂଚନାଯୋଗ୍ୟ, ଅକ୍ଟୋବର ମାସରେ କମିଶନ ଅଭିଯୋଗର ରିପୋର୍ଟ ଦାଖଲ ପାଇଁ ନିର୍ଦ୍ଦେଶ ଦେଇଥିଲେ। ନିର୍ଦ୍ଧାରିତ ସମୟ ଅତିବାହିତ ହେବାପରେ ମଧ୍ୟ ରିପୋର୍ଟ ନ ମିଳିବାରୁ ରାଜ୍ୟ ମାନବାଧିକାର କମିଶନ ଅଧ୍ୟକ୍ଷ ବିଜୟ କୃଷ୍ଣ ପଟେଲ ରାୟଗଡ଼ା ଜିଲାପାଳଙ୍କୁ ତାଗିଦ କରିବା ସହ ଜାନୁଆରୀ ୧୩ ପର୍ଯ୍ୟନ୍ତ ସମୟ ଦେଇଛନ୍ତି।

**ଛାତ୍ରୀଙ୍କୁ ମିଳିଲାନି ଜାତିଗତ ପ୍ରମାଣପତ୍ର**

ସୂଚନାଯୋଗ୍ୟ, କାଶୀପୁର ତହସିଲ ଅନ୍ତର୍ଗତ ଟିକିରି ଗ୍ରାମର ଛାତ୍ରୀ କିରଣ ବେହେରା ଜାତିଗତ ପ୍ରମାଣପତ୍ର ପାଇଁ ୨୦୧୯ ରେ ଅନ୍‌ଲାଇନ୍‌ରେ କାଶୀପୁର ତହସିଲଦାରଙ୍କଠାରେ ଆବେଦନ କରିଥିଲେ। ଅତିରିକ୍ତ ତହସିଲଦାର ବିନା କାରଣରେ ଆବେଦନକୁ ଖାରଜ କରିଦେଇଥିଲେ। ଏହାପରେ ଛାତ୍ରୀ ଜଣଙ୍କ ଓଡ଼ିଶା ଜନସେବା ଅଧିକାର ଆଇନ ଅନୁଯାୟୀ ତହସିଲଦାରଙ୍କ ନିକଟରେ ପୁନର୍ବାର ଆବେଦନ କରିଥିଲେ। ପ୍ରଶାସନକୁ ଅଧିକ ସ୍ୱଚ୍ଛ ଓ ଉତ୍ତରଦାୟୀ କରିବା ନିମନ୍ତେ ସରକାର ଜନସେବା ଅଧିକାରୀ ଆଇନ ୨୦୧୨ର ବ୍ୟବସ୍ଥା କରିଛନ୍ତି। ଏହି ଆଇନ ଅନୁଯାୟୀ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ନାଗରିକଙ୍କୁ ସେବା ଯୋଗାଇ ଦିଆଯିବାର ବ୍ୟବସ୍ଥା ରହିଛି। ଏଥିରେ ଖିଲାପ କରୁଥିବା ଅଧିକାରୀଙ୍କୁ ଦଣ୍ଡ ସ୍ୱରୂପ ଜରିମାନାର ବ୍ୟବସ୍ଥା ରହିଛି। ଏହି ଆଇନ ଅନୁଯାୟୀ ତହସିଲଦାରଙ୍କ ଦ୍ୱାରା କ୍ଷମତାପ୍ରାପ୍ତ ଅଧସ୍ତନ ଅଧିକାରୀ ଆବେଦନକାରୀଙ୍କ ଆବଶ୍ୟକ କାଗଜ ପତ୍ରଯାଞ୍ଚ କରି ପ୍ରାପ୍ତି ସ୍ୱୀକାର ରସିଦ କିମ୍ବା ଲିଖିତ ଉତ୍ତର ଦେଇ ନ ଥିଲେ। ଆଇନ ଅନୁଯାୟୀ ଦରଖାସ୍ତକାରୀ ଜିଲାପାଳଙ୍କଠାରେ ଅପିଲ ଦରଖାସ୍ତ ଦେଇଥିଲେ। ଜିଲାପାଳ ମଧ୍ୟ ନିର୍ଦ୍ଧାରିତ ସମୟ ମଧ୍ୟରେ ଅଭିଯୋଗ ଶୁଣାଣି କରି ନିଷ୍ପତ୍ତି ନେଇ ନ ଥିବାରୁ ଆବେଦନକାରୀ ଶେଷରେ ମାନବାଧିକାର କର୍ମୀ ବାଘାମ୍ବର ପଟ୍ଟନାୟକଙ୍କ ମାଧ୍ୟମରେ ମାନବାଧିକାର କମିଶନଙ୍କ ନିକଟରେ ଅଭିଯୋଗ କରିଥିଲେ।

## ଜରାଜୀର୍ଣ୍ଣ ପ୍ରାଣୀଙ୍କ ଥଇଥାନ ନେଇ ଆଲୋଚନା



ବୈଠକରେ ଜିଲାପାଳ, ଅତିରିକ୍ତ ଜିଲା ପ୍ରାଣୀ ଚିକିତ୍ସାଧିକାରୀ ଓ ଅନ୍ୟ ଅଧିକାରୀମାନେ।

ନବରଙ୍ଗପୁର,୨୫।୧୨(ବି.ପ୍ର.)

**ଜୀବେ ନିଷ୍ଠୁରତା ସମିତିର ବୈଠକ**

ନବରଙ୍ଗପୁର ଜୀବେ ନିଷ୍ଠୁରତା ସମିତିର ଏକ ବୈଠକ ଜିଲାପାଳ କମଳ ଲୋଚନ ମିଶ୍ରଙ୍କ ଅଧ୍ୟକ୍ଷତାରେ ସ୍ଥାନୀୟ ଅଶୋକ ମେହେଟ୍ଟା ସମ୍ମିଳନୀ କକ୍ଷରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ବୁଲାଗୋରୁ ତଥା ଅସୁସ୍ଥ ଓ ଜରାଜୀର୍ଣ୍ଣ ପ୍ରାଣୀଙ୍କ ପ୍ରତି ହେଉଥିବା ନିଷ୍ଠୁରତାର ନିରାକରଣ ଏବଂ ସେମାନଙ୍କ ଥଇଥାନ ନିମନ୍ତେ ଜିଲା ପ୍ରଶାସନ ଉଦ୍ୟମ ଆରମ୍ଭ କରିଛି। ଏଥିନିମନ୍ତେ ଜିଲା ସ୍ତରରେ ପ୍ରାଣୀ ମଙ୍ଗଳ କାର୍ଯ୍ୟାବଳୀକୁ ସମିତି ମାଧ୍ୟମରେ ନେବା ତଥା ଗୋଶାଳା ପ୍ରତିଷ୍ଠା କରିବାର ଆବଶ୍ୟକତା ରହିଥିବା ଜିଲାପାଳ କହିଥିଲେ। ଗୃହପାଳିତ ଗୋରୁଙ୍କ ଯତ୍ନ ନ ନେବା, ଆବଶ୍ୟକତାଠାରୁ ଅଧିକ ଗୋରୁ ଟ୍ରକ୍‌ରେ ବୁହାହେବା ଘଟଣାକୁ ନେଇ ସମସ୍ତ ସଭ୍ୟ ଉଦ୍‌ବେଗ ପ୍ରକାଶ କରିଥିଲେ। ଗୋଶାଳା ପ୍ରତିଷ୍ଠା ଦ୍ୱାରା ଏହି ସମସ୍ୟାର ସମାଧାନ ହୋଇପାରିବ ବୋଲି ସେ କହିଥିଲେ। ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସାଧିକାରୀ ରମେଶ ସାହୁ ବୈଠକର ଆଭିମୁଖ୍ୟ ବର୍ଣ୍ଣନା କରିବା ସହ ସମିତିର ସହଯୋଗ କାମନା କରିଥିଲେ। ବୈଠକରେ ଅତିରିକ୍ତ ଜିଲା ପ୍ରାଣୀ ଚିକିତ୍ସାଧିକାରୀ ଗଙ୍ଗାଧର ରାଉଳ, ସୁନୀଲ ପ୍ରଧାନ, ସତ୍ୟପ୍ରିୟ ଦାସ ଉପସ୍ଥିତ ରହି ଗଠିତ କମିଟି ଓ କାର୍ଯ୍ୟ ବିଷୟରେ ସୂଚନା ଦେଇଥିଲେ। ଅତିରିକ୍ତ ଜିଲାପାଳ ଭାସ୍କର ରଇତ, ଉପଜିଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲ, ଏସ୍‌ଡିପିଓ ଚନ୍ଦ୍ରଶେଖର ହୋତା, ସରୋଜ ରଥ, ଅଭିଳାଷ କୁମାର ନାୟକ, ସମୀର କୁମାର ପ୍ରଧାନ, ସର୍ବେଶ୍ୱର ପାତ୍ର, ରାକେଶ ଗୁପ୍ତା, ଶ୍ରୀଧର ସାମନ୍ତରାୟ, ରାମାରାଓ ଚୌଧୁରୀ ପ୍ରମୁଖ ଯୋଗଦେଇଥିଲେ। ନୂତନ ସମିତି ଦ୍ୱାରା ପରବର୍ତ୍ତୀ କାର୍ଯ୍ୟପନ୍ଥା ଗ୍ରହଣ କରିବା ପାଇଁ ସର୍ବସମ୍ମତିକ୍ରମେ ନିଷ୍ପତ୍ତି ନିଆଯାଇଥିଲା।

### ପଦ୍ମଶ୍ରୀ ଶାନ୍ତି ଦେବୀଙ୍କୁ ସମ୍ବର୍ଦ୍ଧନା

ଗୁଣପୁର୨୫।୧୨(ଡି.ଏନ୍.ଏ.)–

ରାୟଗଡ଼ା ଜିଲା ଗୁଣପୁରସ୍ଥିତ ଅଟଳ ସ୍ମୃତି କମିଟି ପକ୍ଷରୁ ଶନିବାର ପଦ୍ମଶ୍ରୀ ଶାନ୍ତି ଦେବୀଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। କମିଟିର ସଭାପତି ସୂର୍ଯ୍ୟ ନାରାୟଣ ରଥ ଏବଂ ସଂଯୋଜକ ଚିନ୍ମୟ ପାଣିଗ୍ରାହିଙ୍କ ସମେତ



ସୋମନାଥ ଗୌଡ଼, ଇନ୍ଦ୍ରାକ୍ଷୀ ପ୍ରସାଦ ଦାସ, ଲକ୍ଷ୍ମୀ ମହାକୁଡ଼, ନନ୍ଦିନି ପଣ୍ଡା, ବି. ସତିଶ କୁମାର ପ୍ରମୁଖ ସେବା ସମାଜକୁ ଯାଇ ଶାନ୍ତି ଦେବୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ।

## ମୁଖ୍ୟ ଟ୍ରାଫିକ ଛକକୁ ବିପିନ ରାୱତଙ୍କ ନାମରେ ନାମିତ କରାଯାଉ

ଜୟପୁର, ୨୫।୧୨ (ନି.ପ୍ର.)

ବିକ୍ରମଦେବ ସ୍ୱୟଂ ଶାସିତ ମହାବିଦ୍ୟାଳୟର ଏନସିସି ଅଲୁମନି ସଂଘ ପକ୍ଷରୁ ଜୟପୁରର ମୁଖ୍ୟ ଟ୍ରାଫିକ ଛକକୁ ବିପିନ ରାୱତଙ୍କ ନାମରେ ନାମିତ କରିବାକୁ ଦାବି କରାଯାଇଛି। ଏନେଇ ଉପଜିଲାପାଳ ବେଦବର ପ୍ରଧାନଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଏଥିରେ ଉଲ୍ଲେଖ ରହିଛି ଯେ, ଜେନେରାଲ ରାୱତ ଜଣେ ବୀର ଅଧିକାରୀ ଥିଲେ। ଭାରତ ଓ ଭାରତ ବାହାରେ ଦେଶକୁ ସୁରକ୍ଷା ଦେବା ଲାଗି ସେ ଅନେକ ମିଶନକୁ ସଫଳ କରିଥିଲେ। ତାଙ୍କ ଦେଶଭକ୍ତି, ବୀରତା ଓ ଦେଶପାଇଁ ତାଙ୍କର ଅବଦାନକୁ ମନେ ପକାଇବା ପାଇଁ ସହରର ମୁଖ୍ୟ ଟ୍ରାଫିକ ଛକକୁ ସିଡିଏସ ଜେନେରାଲ ବିପିନ ରାୱତଙ୍କ ନାମରେ ନାମିତ କରିବାକୁ ଦାବିପତ୍ରରେ ସଂଘ ପକ୍ଷରୁ କୁହାଯାଇଛି। ସୂଚନାଯୋଗ୍ୟ, ଡିସେମ୍ବର ୮ରେ ତାମିଲନାଡୁକୁ ଏକ କାର୍ଯ୍ୟକ୍ରମରେ ଯୋଗ ଦେବାକୁ ଯାଉଥିବା ବେଳେ କୁନ୍ନୁର ନିକଟରେ ତାଙ୍କ ହେଲିକପ୍ଟର ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଏଥିରେ ରାୱତଙ୍କ ସମେତ ଅନେକ ସେନା ଅଧିକାରୀ ଶହୀଦ ହୋଇଥିଲେ । ଦାବିପତ୍ର ପ୍ରଦାନ ସମୟରେ କୃଷ୍ଣ କେଶବ ଷଡଙ୍ଗୀ, ନିଶାନ ପଟ୍ଟନାୟକ, ଦୀପକ ଷଡଙ୍ଗୀ, ରବିନ୍ଦ୍ର ହୋତା, ଦୁର୍ଗା ଚରଣ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ଟ୍ରାକ୍ଟର ଚଢ଼ିଯାଇ ଯୁବକଙ୍କ ମୃତ୍ୟୁ

ବିଷମକଟକ,୨୫।୧୨(ଡି.ଏନ୍.ଏ.)–

ରାୟଗଡ଼ା ଜିଲା ବିଷମକଟକ ଥାନା ଅଧୀନ ଭେଜିପଦର ନାଳ ନିକଟରେ ଶନିବାର ଟ୍ରାକ୍ଟର ମାଡ଼ିଯାଇ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ବିଷମକଟକ ଥାନା ଅଧୀନ ପଣଷଗୁଡ଼ାର ମାଧବ ଉଲାକା। ସୂଚନା ଘଟଣାରୁ ପ୍ରକାଶ, ବୋରିଖାଲ ଗ୍ରାମରୁ ଟ୍ରାକ୍ଟରଟି ଶ୍ରମିକଙ୍କୁ ନେଇ ଭେଜିପଦର ନାଳକୁ ବାଲି ଆଣିବାକୁ ଯାଇଥିଲା। ବାଲି ଲୋଡିଂ ପରେ ମାଧବ ତଳେ ଠିଆ ହୋଇ ଟ୍ରାକ୍ଟରର ଚାବି ମୋଡ଼ିଦେବାରୁ ଟ୍ରାକ୍ଟର ତାଙ୍କ ଉପରେ ଚଢ଼ିଯାଇ ସେତୁ ତଳକୁ ଖସିଯାଇଥିଲା। ଘଟଣାସ୍ଥଳରେ ହିଁ ମାଧବଙ୍କ ମୃତ୍ୟୁ ଘଟିଥିଲା। ତେବେ ମାଧବ ଟ୍ରାକ୍ଟରର ହେଲ୍‌ପର କିମ୍ବା ଶ୍ରମିକ ସ୍ପଷ୍ଟ ହୋଇନାହିଁ। ବିଷମକଟକ ପୋଲିସ ପହଞ୍ଚି ମୃତଦେହ ଜବତ କରିବା ସହ ତଦନ୍ତ ଚଳାଇଛି। ତେବେ ଟ୍ରାକ୍ଟର ଚାଳକ ଘଟଣାସ୍ଥଳରୁ ଫେରାର ଥିବା ଜଣାପଡ଼ିଛି।

## ନିର୍ବାଚନ ପୂର୍ବରୁ ଦଳକୁ ସୁଦୃଢ଼ କରିବାକୁ ପ୍ରଚେଷ୍ଟା

**କଂଗ୍ରେସ 'ସି' ଜୋନ୍‌ର କର୍ମକର୍ତ୍ତା ବୈଠକ**

ରାୟଗଡ଼ା ଅଫିସ,୨୫।୧୨

ରାୟଗଡ଼ା କଂଗ୍ରେସ ପକ୍ଷରୁ ଅମ୍ଳାଭଟ୍ଟା ଜଙ୍ଗସନ 'ସି' ଜୋନ୍ ରାୟଗଡ଼ା ବ୍ଲକର କର୍ମକର୍ତ୍ତା ବୈଠକ ଅନୁଷ୍ଠିତ ହୋଇଯାଇଛି। ଆଗାମୀ ପଞ୍ଚାୟତ ନିର୍ବାଚନକୁ ନେଇ ଏହି ବୈଠକ ହୋଇଥିଲା। କୋରାପୁଟ ଏଥିରେ କୋରାପୁଟ ଏମ୍‌ପି ସପ୍ତଗିରି ଉଲାକା, ଜିଲା କଂଗ୍ରେସ କମିଟି ସଭାପତି ଦୁର୍ଗା ପ୍ରସାଦ ପଣ୍ଡା, ଓଡ଼ିଶା ପ୍ରଦେଶ ମହିଳା କଂଗ୍ରେସ କମିଟି ଉପ ସଭାପତି ରତ୍ନମଣି ଉଲାକା, ବିଧାୟକ ପ୍ରାଥୀ ଆପଲ ସ୍ୱାମୀ କାଡ୍ରାକା, ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସମ୍ପାଦକ ସୋସିଆଲ ମଡିଆ କୋଅର୍ଡିନେଟର ଆସଲାମ୍ ଖାନ, ନଗର କଂଗ୍ରେସ ସଭାପତି ଏମ୍. ଶଙ୍କର ରାଓ, ବ୍ଲକ ସଭାପତି ଗାଡ଼ିଗାଁ ବାଟେଲି ପ୍ରମୁଖ ଉପସ୍ଥିତ ଥିଲେ । ପଞ୍ଚାୟତ ନିର୍ବାଚନ ପୂର୍ବରୁ ଦଳକୁ କିପରି ସୁଦୃଢ଼ କରି ବିଜୟ ହାସଲ କରାଯାଇ ପାରିବ ସେ ନେଇ ଆଲୋଚନା ହୋଇଥିଲା।





କାର୍ଯ୍ୟକ୍ରମରେ ଦଳୀୟ ନେତାମାନେ ।

## ସରକାରୀ କାର୍ଯ୍ୟକ୍ରମ ନେଇ ଗଣମାଧ୍ୟମକୁ ମିଳୁନି ସୂଚନା

ଉମରକୋଟ,୨୫।୧୨(ସ୍ୱ.ପ୍ର.)

**ପୌର ନିର୍ବାହୀ ଅଧିକାରୀଙ୍କ ମନମୁଖି କାର୍ଯ୍ୟ**

ସରକାର ଓ ପ୍ରଶାସନର ସୂଚନା ଜନସାଧାରଣଙ୍କ ନିକଟରେ ପହଞ୍ଚାଇବାର ପ୍ରମୁଖ ମାଧ୍ୟମ ହେଉଛି ଗଣମାଧ୍ୟମ। କିନ୍ତୁ କେତେକ ସ୍ଥାନରେ ଦୋଷ ଦୁର୍ବଳତାକୁ ଲୁଚାଇବା ପାଇଁ ଗଣମାଧ୍ୟମକୁ ଅଣଦେଖା କରାଯାଉଛି। ଏହାର ଜ୍ୱଳନ୍ତ ଉଦାହରଣ ଦେଖିବାକୁ ମିଳିଛି ଉମରକୋଟ ପୌରପାଳିକାରେ। ଉମରକୋଟ ପୌର ନିର୍ବାହୀ ଅଧିକାରୀ ରାମଚନ୍ଦ୍ର ମାଝି ପୌର କାର୍ଯ୍ୟାଳୟରେ ଯୋଗଦାନ କରିବା ପରଠାରୁ ବାରମ୍ବାର ଗଣମାଧ୍ୟମ ପ୍ରତିନିଧିଙ୍କୁ ଅଣଦେଖା କରୁଛନ୍ତି। ବିଭିନ୍ନ ସରକାରୀ କାର୍ଯ୍ୟକ୍ରମ ଗଡ଼ିକରେ ଗଣମାଧ୍ୟମକୁ ସୂଚନା ନ ଦେଇ କାର୍ଯ୍ୟକ୍ରମ କରୁଛନ୍ତି। ଏପରିକି କୌଣସି ପ୍ରଶ୍ନ ପଚାରିଲେ ମଧ୍ୟ ସନ୍ତୋଷଜନକ ଉତ୍ତର ମିଳୁନି। ଶନିବାର ରାଜ୍ୟ ସରକାରଙ୍କ ଜାଗା ମିଶନ ଆନୁକୂଲ୍ୟରେ ପଟ୍ଟା ବଣ୍ଟନ କାର୍ଯ୍ୟକ୍ରମ ରହିଥିଲା। ତେବେ ଏ ବିଷୟରେ କୌଣସି ଗଣମାଧ୍ୟମ ପ୍ରତିନିଧିଙ୍କୁ ସୂଚନା ନ ଦେଇ ଏମ୍‌ପି ଏବଂ ବିଧାୟକଙ୍କୁ ନେଇ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। କୋଭିଡ୍ କଟକଣାକୁ ମଧ୍ୟ ଏଠାରେ ଅଣଦେଖା କରାଯାଇଥିବା ଦେଖାଯାଇଥିଲା। ଏ ନେଇ ପୌର ନିର୍ବାହୀ ଅଧିକାରୀଙ୍କୁ ପଚାରିବାରୁ କାର୍ଯ୍ୟ ବ୍ୟସ୍ତତା ଯୋଗୁ ଗଣମାଧ୍ୟମ ପ୍ରତିନିଧିଙ୍କୁ ଡାକିବାକୁ ଭୁଲି ଯାଇଥିବା କହିଥିଲେ। ଅଧିକାରୀଙ୍କ ଏଭଳି ମନୋଭାବ ଯୋଗୁ ସରକାରଙ୍କ ଅନେକ ଜନହିତକର ଯୋଜନା ବିଷୟରେ ଲୋକେ ଅବଗତ ହୋଇପାରୁ ନ ଥିବା ମଧ୍ୟ ଦେଖିବାକୁ ମିଳିଛି।

## ଖଳାରେ ଜଳିଗଲା ୧୩୦ ବସ୍ତା ଧାନ

ଗୁଣପୁର,୨୫।୧୨(ଡି.ଏନ୍.ଏ.)

ରାୟଗଡ଼ା ଜିଲା ଗୁଣପୁର ବ୍ଲକ ଡମ୍ବସରା ପଞ୍ଚାୟତର ଲବାଠାରେ ଏକ ଧାନ ଖଳାରେ ଶନିବାର ନିଆଁ ଲାଗି ୧୩୦ରୁ ଊର୍ଦ୍ଧ୍ୱ ବସ୍ତା ଧାନ ଜଳିଯାଇଛି। ତେବେ ନିଆଁ ଲାଗିବାର କାରଣ ଜଣାପଡ଼ିନାହିଁ। ଧାନ ଜଳିଯିବାର ଖବର ପାଇ ଡମ୍ବସରା ଆର୍‌ଆଇ ପହଞ୍ଚି କ୍ଷୟକ୍ଷତିର ଅନୁଧ୍ୟାନ କରିଛନ୍ତି। ଘଟଣାରୁ ଜଣାଯାଏ ଋଷି ଶବର ଏବଂ ସୁରଥ ଶବରଙ୍କ ଧାନ ଖଳାରେ ରହିଥିଲା। ଅମଳ ପାଇଁ ଦୁଇଟି ସ୍ଥାନରେ ଧାନ ରଖାଯାଇଥିଲା। ଶନିବାର ସକାଳେ ଧାନ ଗଦାରେ ନିଆଁ ଲାଗିଥିବା ଦେଖିବାକୁ ମିଳିଥିଲା। ଡମ୍ବସରା ସରପଞ୍ଚ ମଧୁସୁଦନ ଶବର ଗୁଣପୁର ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଋଷି ୪.୫୦ ଏକର ଜମିର ଧାନକୁ ଆଣି ଖଳାରେ ରଖିଥିଲେ। ସେହିଭଳି ସୁରଥ ଦୁଇ ଏକର ଜମିର ଧାନ ରଖିଥିଲେ। ଅଗ୍ନିକାଣ୍ଡରେ ଋଷିଙ୍କ ପ୍ରାୟ ୮୦ ବସ୍ତା ଏବଂ ସୁରଥଙ୍କ ୫୦ ବସ୍ତାର ଧାନ ପୋଡି ନଷ୍ଟ ହୋଇଥିବା ରାଜସ୍ୱ ବିଭାଗ ପକ୍ଷରୁ ଆକଳନ କରାଯାଇଛି। ତେବେ ନିକଟରେ ଥିବା ଅନ୍ୟ ଲୋକଙ୍କ ଧାନ ସୁରକ୍ଷିତ ଥିବା ଜଣାପଡ଼ିଛି।



ଅଗ୍ନିଶମ ବାହିନୀ ନିଆଁ ଲିଭାଉଛନ୍ତି।

## ୨୭ରେ କଂଗ୍ରେସର ବିରାଟ ସଙ୍କଳ୍ପ ସମାବେଶ

ନବରଙ୍ଗପୁର,୨୫।୧୨(ବି.ପ୍ର.)

- ବିଭିନ୍ନ ସଙ୍ଗଠନ ଓ ଦଳରୁ ସାମିଲ ହେବେ ନେତା
- ଜିଲା କଂଗ୍ରେସର ଖବରଦାତା ସମ୍ମିଳନୀ

ଓଡ଼ିଶା କଂଗ୍ରେସର ୧୦୦ ବର୍ଷ ପୂର୍ତ୍ତି ଉପଲକ୍ଷେ ନବରଙ୍ଗପୁର ଠାରେ ଦଳ ପକ୍ଷରୁ ସୋମବାର ସଙ୍କଳ୍ପ ସମାବେଶ ଅନୁଷ୍ଠିତ ହେବ। ଏ ନେଇ ଜିଲା କଂଗ୍ରେସ ସଭାପତି ମୁନା ତ୍ରିପାଠୀ ସ୍ଥାନୀୟ ମଣ୍ଡେଇ ପଡ଼ିଆଠାରେ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ଓଡିଶାରେ ୭୦ ବର୍ଷର କଂଗ୍ରେସ ଓ ପରବର୍ତ୍ତି ସମୟରେ ଅଣ କଂଗ୍ରେସ ସମୟରେ ବିକାଶ ପାଇଁ କାର୍ଯ୍ୟ କରିଥିବା କଂଗ୍ରେସ ନେତାଙ୍କ ଅବଦାନର ସ୍ମରଣ କରାଯିବ। ସେହିଭଳି ଅବିଭକ୍ତ କୋରାପୁଟ ଜିଲାର ୬୨ ସ୍ୱାଧିନତା ସଂଗ୍ରାମୀ ଓ ଶହୀଦଙ୍କ ସ୍ମୃତିଚାରଣ କରାଯିବ। କଂଗ୍ରେସ ଶାସନ ସମୟରେ ଓଡ଼ିଶାର ବିଭିନ୍ନ ପୂର୍ବତନ ମୁଖ୍ୟମନ୍ତ୍ରୀ ଓ ସ୍ୱାଧିନତା ସଂଗ୍ରାମୀଙ୍କ ବିରଳ ଫଟୋଚିତ୍ର ପ୍ରଦର୍ଶନୀ ମଧ୍ୟ କରାଯିବ। ଦଳ ଛାଡ଼ିଥିବା ଯୁବ ନେତ୍ରୀ ହାରାବତୀ ଗଣ୍ଡ, ବିଜେଡି ନେତା କୁସିଆ ମାଝି, ଜନଜାତି ସୁରକ୍ଷା ମଞ୍ଚ ଓ ଭତରା ବିକାଶ ପରିଷଦର ଦିବାକର ପୂଜାରୀ, ଭାରତର କମ୍ୟୁନିଷ୍ଟ



ପାର୍ଟି(ମାର୍କ୍ସବାଦୀ)ର ରାଜେଶ ଜାନୀଚନ୍ଦୁର ସିଂ ନାୟକ, କରଣ ଗଣ୍ଡ, ଚାବି ସାନ୍ତା, ସମନ୍ଦୁ ସାନ୍ତା, ନୂଆଖାଉ ଭତରା ଓ ଅର୍ଜନ ସାନ୍ତା ୨୭ ରେ ବିଧିବଦ୍ଧଭାବେ କଂଗ୍ରେସରେ ଯୋଗଦେବେ ବୋଲି ଜଣାପଡ଼ିଛି। ସଙ୍କଳ୍ପ ସମାବେଶରେ କହ୍ନେୟା କୁମାର, ଗୁଜରାଟ ଭେଦଗାଓ ବିଧାୟକ ଜିଗ୍ନେଶ ମିଭାନୀ, ପୂର୍ବତନ ମନ୍ତ୍ରୀ ଭକ୍ତଚରଣ ଦାଶ, ଏଆଇସିସି ସମ୍ପାଦକ ତଥା ଏମ୍‌ପି ଚେଲାକୁମାର, କୋରାପୁଟ ଏମପି ସପ୍ତଗିରି ଉଲାକା, ପିସିସି ସଭପେତି ନିରଞ୍ଜନ ପଟ୍ଟନାୟକ, ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତିଙ୍କ ସମେତ ଅବିଭକ୍ତ କୋରାପୁଟ ଜିଲାର ସମସ୍ତ ନେତୃମଣ୍ଡଳୀ ଯୋଗ ଦେବେ। ତେବେ ଏହି ଅବସରରେ କଂଗ୍ରେସ ମୁଖ୍ୟ ୪ଟି ଦାବି ନେଇ ଶାସକ ଦଳ ଉପରେ ଗର୍ଜିଥିଲା । ଏଠାରେ ବିଜେଡିର ୩ଟି ବିଧାୟକ, ଏମ୍‌ପି, ରାଜ୍ୟସଭା ସଦସ୍ୟ ଏବଂ ଜଣେ ଭାଜପା ବିଧାୟକ ରହିଛନ୍ତି। ଏମାନେ ନିଜର ସିଟ୍ ସୁରକ୍ଷା ପାଇଁ ଅଧିକାରୀଙ୍କ ଭୟରେ ରହିଛନ୍ତି। ସେଥିପାଇଁ ଲୋକଙ୍କ ସମସ୍ୟା ଦୂର ହୋଇପାରୁ ନାହିଁ ବୋଲି ଜିଲା କଂଗ୍ରେସ ସଭାପତି ଅଭିଯୋଗ କରିଛନ୍ତି। ବିଭିନ୍ନ ସରକାରୀ ପଦବୀରେ ରହିଥିବା ୧୧୨ କର୍ମଚାରୀଙ୍କ ମୃତ୍ୟୁ ଘଟିବା ପରେ ରହାବିଲିଟେସନ ପାଇଁ ଆବେଦନ କରାଯାଇଥିଲେ ମଧ ୭ ବର୍ଷ ହେଲା ପ୍ରଶାସନ ଫାଇଲ ଖୋଲିନାହିଁ । ଏହି ପରିବାର ଲୋକ ମୁଲଲାଗି ବଞ୍ଚୁଥିବାବେଳେ କହାର ବୟସ ସୀମା ଟାଳିଗଲାଣି। ପ୍ରଶାସନକୁ ୧୦ ଦିନ ସମୟ ଦିଆ ଯାଇଛି। ଦାବି ପୂରଣ ନ ହେଲେ କଂଗ୍ରେସ କମିଟି ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅହୋରାତ୍ର ଧାରଣାରେ ବସିବ ବୋଲି ସେ କହିଛନ୍ତି। ସେହିପରି ଜିଲା ଭତ୍ତିକ ନିଯୁକ୍ତି, ଜିଲାରେ ଆର୍‌ଆଇ ନିଯୁକ୍ତି, ଶିକ୍ଷକ ନିଯୁକ୍ତି, ରାସ୍ତାଘାଟ ନିର୍ମାଣ ଆଦି ଦାବି ଦଳ ରଖିଛି। ଖବରଦତା ସମ୍ମିଳନୀରେ ପିସିସି ଉପସଭାପତି ତଥା ପୂର୍ବତନ ବିଧାୟକ ସଦନ ନାୟକ, ସମ୍ପାଦକ ପରି ସାହୁ, ଜିଲା ସାଧାରଣ ସମ୍ପାଦକ ତାଜ ଇମ୍ରାନ ସାରିଫ, ଅବଦୁଲ ଫିରୋଜ, ନବରଙ୍ଗପୁର ବ୍ଲକ ସଭାପତି ଭିମ ହରିଜନ, ତେନ୍ତୁଳିଖୁଣ୍ଟି ବ୍ଲକ ସଭାପତି ପ୍ରହଲ୍ଲାଦ ହିଆଲ, ଦିଲ୍ଲିପ ବେହେରା, ପ୍ରଭାତି ତ୍ରିପାଠୀ, ଏଆଇସିସି ସଭ୍ୟା ମନୋଷା ତ୍ରିପାଠୀ, ନନ୍ଦାହାଣ୍ଡି ବ୍ଲକ ସଭାପତି ବୃନ୍ଦା ତ୍ରିପାଠୀ, ନଗର କଂଗ୍ରେସ ସମ୍ପାଦକ କାଳିପାତ୍ର ସମେତ ବହୁ କଂଗ୍ରେସ କର୍ମୀ ଓ କମକର୍ତ୍ତା ଉପସ୍ଥିତ ଥିଲେ।

**ମହିଳା ଆୟୋଗ ପକ୍ଷରୁ ଆଇନ ସଚେତନତା କାର୍ଯ୍ୟକ୍ରମ**

ମାଲକାନଗିରି,(ଡି.ଏନ୍.ଏ.)- ଓଡ଼ିଶା ରାଜ୍ୟ ମହିଳା ଆୟୋଗଙ୍କ ପକ୍ଷରୁ ଏକ ଆଇନ ସଚେତନତା କାର୍ଯ୍ୟକ୍ରମ ମାଲକାନଗିରି ସଦର ସଂସ୍କୃତି ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମହିଳା କମିଶନ ଅଧକ୍ଷା ଡ. ମିନତି ବେହେରା, ଅତିରିକ୍ତ ଜିଲାପାଳ ବୀରସେନ ପ୍ରଧାନ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ବଳଭଦ୍ର ଦୀପ୍, ଜିଲା ସମାଜ କଲ୍ୟାଣ ଅଧିକାରୀ ସୌଦାମନି ପ୍ରଧାନ, ପ୍ରିୟଦର୍ଶିନୀ ସାହୁ, ଓଏସ୍‌ସିଡବ୍ଲୁ ସଦସ୍ୟା ଜତିନା ପ୍ରିୟଦର୍ଶିନୀ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ମହିଳାଙ୍କ ସୁରକ୍ଷା ପାଇଁ ରହିଥିବା ବିଭିନ୍ନ ଆଇନ ଯଥା ପାରିବାରିକ ହିଂସାର ସୁରକ୍ଷା , କର୍ମ କ୍ଷେତ୍ରରେ ମହିଳାଙ୍କ ଉପରେ ହେଉଥିବା ନିର୍ଯ୍ୟାତନା, ବାଲ୍ୟ ବିବାହ ଆଇନ ଉପରେ ଆଲୋଚନା ହୋଇଥିଲା। କୋଭିଡ- ୧୯ ସମୟରେ ପ୍ରଶଂସନୀୟ କାର୍ଯ୍ୟ କରିଥିବା ୧୦ଜଣ ବ୍ୟକ୍ତିଙ୍କୁ ଆୟୋଗ ପକ୍ଷରୁ ସମ୍ମାନିତ କରାଯାଇଥିଲା।

# ଯୁବକଙ୍କୁ ହତ୍ୟା ନେଇ ଉତ୍ତେଜନା, ୨ ଅଟକ

କୋରାପୁଟ,୨୫।୧୨(ସ୍ୱ.ପ୍ର.)

ଶନିବାର ଭୋରରୁ କୋରାପୁଟ ସହରର ବନଭାରତୀ କଲୋନିରେ ଏକ ହତ୍ୟାକାଣ୍ଡ ଘଟିଛି । ଏହାକୁ କେନ୍ଦ୍ରକରି ମୃତକଙ୍କ ସମ୍ପର୍କୀୟମାନେ ପରଜାସାହିରେ ଥିବା ଅଭିଯୁକ୍ତଙ୍କ ଏକ ସେଲୁନ ଦୋକାନକୁ ଭଙ୍ଗାରୁଜା କରିଥିଲେ । ଘଟଣାକୁ ନେଇ ଟାଉନ ଥାନା ଅଧିକାରୀ ଧୀରେନ ପଟ୍ଟନାୟକଙ୍କ ନେତୃତ୍ୱରେ ପରଜାସାହି ଓ ବନଭାରତୀ କଲୋନି ଅଞ୍ଚଳରେ ୨ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯାଇଛି।

ଖବରରୁ ଜଣାଯାଇଛି, କୋରାପୁଟ ସହରର ପରଜାସାହିର ସନ୍ୟାସୀ ପୂଜାରୀ (୩୫) କୌଣସି କାମ ପାଇଁ ବନଭାରତୀ କଲୋନିରେ ରହୁଥିବା ନିଜ ଶାଳୀଙ୍କ ଘରକୁ ଯାଇଥିଲେ । ଶାଳୀ ନ ଥିବାରୁ ଶନିବାର ଭୋର ସମୟରେ ଘରକୁ ଫେରୁଥିଲେ। ତେବେ ଫେରିବା ବାଟରେ ସେଲୁନ କରିଥିବା ନାଗାରାଜୁ ଓ ତାଙ୍କ ସ୍ତ୍ରୀ ରତ୍ନାଙ୍କ ସହ ସନ୍ୟାସୀଙ୍କର ଝଗଡ଼ା ହୋଇଥିଲା । ନାଗାରାଜୁ ଓ ତାଙ୍କ ସ୍ତ୍ରୀ ଦୁହେଁ ସନ୍ୟାସୀଙ୍କ ମୁହଁ ଓ ମୁଣ୍ଡକୁ ମୁଥମାରି ରକ୍ତାକ୍ତ ଅବସ୍ଥାରେ ରାସ୍ତାକଡ଼ରେ ପିଙ୍ଗିଦେଇ ଚାଲିଯାଇଥିଲେ। ସକାଳେ ଖବର ପାଇ ଟାଉନ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ କୋରାପୁଟସ୍ଥିତ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜକୁ ପଠାଇ ଘଟଣାର ତଦନ୍ତ ଆରମ୍ଭ କରିଥିଲେ । ଅତିରିକ୍ତ ଜିଲା ଆରକ୍ଷୀ ଅଧୀକ୍ଷକ ଉତ୍କଳ କେଶରୀ ଦାସଙ୍କ ନେତୃତ୍ୱରେ ସନ୍ଧାନୀ କୁକୁର ସହ ସାଇଣ୍ଟିଫିକ ଟିମ୍ ଘଟଣାସ୍ଥଳରେ ତଦନ୍ତ କରୁଛି। ପୋଲିସ ୩୨୪/ ୨୧ରେ ଏକ ମାମଲା ରୁଜୁ କରି ଅଭିଯୁକ୍ତ ନାଗାରାଜୁଙ୍କ ସମେତ ଦୁଇ ଜଣଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରୁଥିବା ଥାନା ଅଧିକାରୀ ପଟ୍ଟନାୟକ କହିଛନ୍ତି।


ବନଭାରତୀ ଅଞ୍ଚଳରେ ଲାଗି ରହିଥିବା ଉତ୍ତେଜନା।

## ସଂକ୍ଷେପରେ

### ବାଜପେୟୀଙ୍କ ଜୟନ୍ତୀ ପାଳିତ



ଜୟପୁର ୨୫।୧୨ (ନି ପ୍ର) - ଭାରତୀୟ ଜନତା ପାର୍ଟିର ପ୍ରତିଷ୍ଠାତା ସଭାପତି ଭାରତରତ୍ନ ଅଟଳ ବିହାରୀ ବାଜପେୟୀଙ୍କ ୯୮ତମ ଜୟନ୍ତୀ ପାଳିତ ହୋଇଯାଇଛି। ଜୟପୁର ବ୍ଲକ ଅନ୍ତର୍ଗତ ଗଡପଦର ଓ ବାମୁଣି ଗାଁଠାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଭାଜପା ଜିଲା ସମ୍ପାଦକ ଲକ୍ଷ୍ମୀ ନାରାୟଣ ପାଢୀ ସଭାପତିତ୍ୱ କରିଥିଲେ। ବାଜପେୟୀଙ୍କ ଫଟୋ ଚିତ୍ରରେ କର୍ମକର୍ତ୍ତାମାନେ ପୁଷ୍ପମାଲ୍ୟ ଅର୍ପଣ କରି ତାଙ୍କ ବିଚାରଧାରାର ସ୍ମୃତିଚାରଣ କରିଥିଲେ। ବରିଷ୍ଠ ନେତା ଅକ୍ଷୟ ସାହୁ, ଦେବେନ୍ଦ୍ର ବାହିନୀପତି, ନଗର ସଭାପତି ସାଧୁ ଚରଣ ଦାସ ଚୌଧୁରୀ, କନ୍ଦର୍ପ ପାଣିଗ୍ରାହୀ, ରାମ ନାୟକ, ବୃନ୍ଦାବନ ଖରାଙ୍କ ସହ ଗ୍ରାମବାସୀ ଉପସ୍ଥିତ ଥିଲେ ।

### ଶୀତଳା ମନ୍ଦିର ସଫେଇ

ଜୟପୁର, ୨୫।୧୨ (ନି.ପ୍ର.)- ଜୟପୁର ସହର ନିକଟସ୍ଥ ବାମୁଣି ଗ୍ରାମରେ ଥିବା ଶୀତଳା ମନ୍ଦିର ପରିସରକୁ ହିନ୍ଦୁ ଇକୋ ସିଷ୍ଟମ ଓ ଯୁବ ହିନ୍ଦୁ ମହାସଂଘ ତରଫରୁ ଶନିବାର ସଫେଇ କରାଯାଇଛି । ଏଠାରେ ଅସାମାଜିକ ଲୋକଙ୍କ ପ୍ରାଦୁର୍ଭାବ ଦେଖିବାକୁ ମିଳୁଛି। ମନ୍ଦିର ପରିସର ଅପରିଷ୍କାର ନ କରି ସ୍ୱଚ୍ଛ ରଖିବା ପାଇଁ ବ୍ୟାନର ଲଗାଯାଇଛି ।

### ତୁଳସୀ ପୂଜନ କାର୍ଯ୍ୟକ୍ରମ

କୁଡୁମୁଲୁଗୁମ୍ମା,୨୫।୧୨(ଡି.ଏନ୍.ଏ.)- ମାଲକାନଗିରି ଜିଲା କୁଡୁମୁଲୁଗୁମ୍ମା ପଞ୍ଚାୟତ ଅନ୍ତର୍ଗତ ସିର୍‌ପେଟା ଗ୍ରାମରେ ତୁଳସୀ ପୂଜନ କାର୍ଯ୍ୟକ୍ରମ ଶନିବାର ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଦୟଣା କ୍ଷେତ୍ରର ମୁଖ୍ୟ ପୂଜକ ବିଜୟାନନ୍ଦ ପଣ୍ଡା, ମୁଖ୍ୟ ପୃଷ୍ଟପୋଷୋକ ସାହେବ ବାରିକ, ମୁଖ୍ୟ ଆବାହକ ସହଦେବ ଶିସା,ଗଣେଶ ଦାସ,ବାଳକୃଷ୍ଣ ପ୍ରଧାନ, ଭଗବାନ ସାହୁ,ହୃଷୀକେଶ ସେଠୀ, ଅଶୋକ ଆଡ୍ୟଙ୍କ ସମେତ ଶତାଧିକ ଉପସ୍ଥିତ ରହି ମା' ତୁଳସୀଙ୍କ ପୀଠରେ ୧୦୮ ଦୀପ ପ୍ରଜ୍ଜ୍ୱଳନ କରିଥିଲେ। ବିଶ୍ୱର ସମସ୍ତ ପ୍ରାଣୀଙ୍କ ସୁସ୍ଥ ଓ ନିରାମୟ ଜୀବନ କାମନା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଥିଲା । ଏହି ଅବସରରେ ଫାଣ୍ଡି ଅଧିକାରୀ ଗିରୀଶ ଚନ୍ଦ୍ର ମହାରଣା ୫୦ ଜଣ ଗରିବ ମହିଳାଙ୍କୁ ଶାଢ଼ି ସହ ଅନ୍ୟାନ୍ୟ ସାମଗ୍ରୀ ବଣ୍ଟନ କରିଥିଲେ।

### ଜୟପୁରରେ ଯିଶୁଖ୍ରୀଷ୍ଟଙ୍କ ଜନ୍ମ ଦିବସ ପାଳିତ

ଜୟପୁର, ୨୫।୧୨(ନି.ପ୍ର.)- ଜୟପୁରରେ ଯିଶୁଖ୍ରୀଷ୍ଟଙ୍କ ଜନ୍ମ ଦିବସ ଶନିବାର ପାଳିତ ହୋଇଛି। କୋଭିଡ କଟକଣା ଯୋଗୁ ସମାଜିକ ଦୂରତା ରକ୍ଷା କରି ସୀମିତ ସଂଖ୍ୟକ ଲୋକ ବିନା ଆଡମ୍ବରରେ ବଡଦିନ ପାଳନ କରାଯାଇଛି । ଜୟପୁର ସହରର ଜେଇଏଲସି ଚର୍ଚ୍ଚରେ କୋଭିଡ ନିୟମ ଆନୁଯାୟୀ ପାଳନ ହୋଇଛି। ମନୋରଞ୍ଜନ କାର୍ଯ୍ୟକ୍ରମ ବାତିଲ କରାଯାଇଛି। ତେବେ ଚର୍ଚ୍ଚକୁ ଆକର୍ଷଣୀୟ ତୋରଣ ସହ ଆଲୋକମାଳାରେ ସଜ୍ଜାଯାଇଛି। ଖ୍ରୀଷ୍ଟିଆନ ସମ୍ପ୍ରଦାୟର ଯୁବତୀ ଯୁବକଙ୍କ ସମେତ ପରିବାର ଲୋକମାନେ ଚର୍ଚ୍ଚରେ ଏକତ୍ରିତ ହୋଇ ମିଳିତ ପ୍ରାର୍ଥନା କରିବା ସହ ବାଇବେଲ ପାଠ କରିଥିଲେ । ଜେଇଏଲସି ଚର୍ଚ୍ଚରେ ପାଷ୍ଟର ବାଇବେଲ ପାଠ କରିଥିଲେ । ବିଧାୟକ ତାରାପ୍ରସାଦ ବାହିନୀପତି ଚର୍ଚ୍ଚକୁ ଯାଇ ଖ୍ରୀଷ୍ଟିଆନ ସମ୍ପ୍ରଦାୟର ବ୍ୟକ୍ତି ବିଶେଷଙ୍କୁ ଶୁଭେଚ୍ଛା ଜଣାଇ ପ୍ରାର୍ଥନାରେ ଯୋଗ ଦେଇଥିଲେ । ଜୟପୁର ସହ ହାଲ୍ଲାଗୁଡା, କୁମୁଲିପୁଟ, ହାଟପଦା, ବୋରିଗୁମ୍ମାରେ ଥିବା ଗୀର୍ଜା ଘରେ ମଧ ବଡ ଦିନ ପାଳିତ ହୋଇଥିଲା।

### ମତ୍ସ୍ୟଜୀବୀଙ୍କୁ ମାଛଧରା ଡଙ୍ଗା ବଣ୍ଟନ

ଚିତ୍ରକୋଣ୍ଡା,୨୫।୧୨(ଡି.ଏନ.ଏ.)- ମାଲକାନଗିରି ଜିଲା ଚିତ୍ରକୋଣ୍ଡା ବ୍ଲକ ସ୍ୱାଭିମାନ ଅଞ୍ଚଳ ଅନ୍ତର୍ଗତ ବଡ଼ପଡ଼ାଠାରେ ଜିଲା ମତ୍ସ୍ୟ ବିଭାଗ ପକ୍ଷରୁ ୬୦ ଜଣ ହିତାଧିକାରୀଙ୍କୁ ମାଛଧରା ଡଙ୍ଗା ବଣ୍ଟନ କରାଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଚିତ୍ରକୋଣ୍ଡା ବିଧାୟକ ପୂର୍ଣ୍ଣଚନ୍ଦ୍ର ବାକା ଯୋଗଦେଇ ହିତାଧିକାରୀମାନଙ୍କୁ ଡଙ୍ଗା ହସ୍ତାନ୍ତର କରିଥିଲେ। ଏହି ଡଙ୍ଗା ହିତାଧିକାରୀଙ୍କ ଜୀବିକା ନିର୍ବାହରେ ସହାୟକ ହେବ ବୋଲି ବିଧାୟକ ବାକା କହିଥିଲେ। ବିଭାଗର କୋରାପୁଟ ଡେପୁଟି ଡାଇରେକ୍ଟର ସୁରେଶ ଚନ୍ଦ୍ର ବେହେରା,ମାଲକାନଗିରି ଜିଲା ମତ୍ସ୍ୟ ଅଧିକାରୀ ନରସିଂହ ମୁଣ୍ଡ, ଉପ ଜିଲା ମତ୍ସ୍ୟ ଅଧିକାରୀ ସୁଶାନ୍ତ ଗୌଡ଼, ମତ୍ସ୍ୟ ନିରୀକ୍ଷକ ସ୍ୱାଧୀନ ଶେଖର ଆଚାରୀ, ସଂଗ୍ରାମ କେଶରୀ ବିଶ୍ୱାଳ, ଏଜିଏମ୍ ଓପିଡି ମଧୁମୟ ସାମଲ ପ୍ରମୁଖ ଉପସ୍ଥିତ ଥିଲେ। କୈଳାସ ପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ପଞ୍ଚାୟତ ସଭାପତିଙ୍କୁ ନେଇ ବୈଠକ

କୋରୁକୋଣ୍ଡା,୨୫।୧୨(ଡି.ଏନ୍.ଏ.)

ମାଲକାନଗିରି ଜିଲା କୋରୁକୋଣ୍ଡା ବ୍ଲକ ସଦର ପଞ୍ଚାୟତରେ ଶନିବାର ବିଜେଡି ପକ୍ଷରୁ ବ୍ଲକର ୨ଟି ଜିଲା ପରିଷଦ ଜୋନ୍ ଅଧୀନରେ ଥିବା ୧୨ଟି ପଞ୍ଚାୟତର ସଭାପତିଙ୍କୁ ନେଇ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି ।


ବୈଠକରେ ଉପସ୍ଥିତ କର୍ମୀ ଓ କର୍ମକର୍ତ୍ତା ।

ବୈଠକ ଆରମ୍ଭରୁ କଂଗ୍ରେସ ଛାଡ଼ି ବିଜେଡିରେ ସାମିଲ ହୋଇଥିବା ପୂର୍ବତନ ଏମ୍‌ପି ପ୍ରଦୀପ ମାଝିଙ୍କୁ ସ୍ୱାଗତ କରାଯାଇଥିଲା । ଏହି ବୈଠକରେ ପୂର୍ବତନ ବିଧାୟକ ମାନସ ମାଡକାମୀ, ଜୋନ୍ ସଂଯୋଜକ ପ୍ରଭାକର ପ୍ରଧାନ, ଜିଲା ଉପଦେଷ୍ଟା ରାଜେନ୍ଦ୍ର ପଣ୍ଡା, ଜିଲା ସାଧାରଣ ସମ୍ପାଦକ ଗୋପାଳକୃଷ୍ଣ ପଣ୍ଡା, ଜିଲା ସାଙ୍ଗଠନିକ ସମ୍ପାଦକ ନୃସିଂହ ଚରଣ ମହାନ୍ତି, ଏମ୍‌ପି ପ୍ରତିନିଧି ମାଧବ ଖୋସ୍‌ଲା, କୋରୁକୋଣ୍ଡା ବ୍ଲକ ସଭାପତି ସତ୍ୟ ପାଣିଗ୍ରାହୀ, ସରପଞ୍ଚ ବଂଶୀଧର ମୁଦୁଲି, ଜୋନ୍-୧ ସଭାପତି ଉମାଶଙ୍କର ସାହୁ, ଜୋନ୍-୨ ସଭାପତି କାର୍ତ୍ତିକ ଖେମୁଣ୍ଡୁ, ଦିବାକର ସାବତ, ମାଧବ ସାବତ, ଲୋକନାଥ ସାହୁ, ରାଜୁ ମଣ୍ଡଳଙ୍କ ସମେତ ୧୨ଟି ପଞ୍ଚାୟତର ସଭାପତିମାନେ ଉପସ୍ଥିତି ଥିଲେ । ଜୋନ୍ ଓ ୱାର୍ଡ କମିଟି କିଭଳି ଚାଲିଛି ସେନେଇ ସମୀକ୍ଷା କରିବା ସହ ସଂଗଠନ ଉପରେ ଆଲୋଚନା ହୋଇଥିଲା । ଆଗାମୀ ପଞ୍ଚାୟତ ନିର୍ବାଚନରେ ଦଳୀୟ ପ୍ରାର୍ଥୀ ବିପୁଳ ଭୋଟରେ ବିଜୟ ଲାଭକରି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ହାତମୁଠାକୁ ଟାଣ କରିବା ଓ ଆଗାମୀ ନିର୍ବାଚନରେ କିଭଳି ବିଜୟ ଲାଭ କରିବା ନେଇ ବୈଠକରେ ଆଲୋଚନା ହୋଇଥିଲା ।

# ପୋଲ ନିର୍ମାଣ ନେଇ ବିଧାୟକଙ୍କୁ ଭେଟିଲେ ଗ୍ରାମବାସୀ


ଗ୍ରାମବାସୀ ବିଧାୟକଙ୍କୁ ସମସ୍ୟା ଜଣାଉଛନ୍ତି।

ଜୟପୁର, ୨୫।୧୨(ନି.ପ୍ର.)

କୋଟପାଡ୍ ବ୍ଲକର ଘାଟୁଆଣିଗୁଡ଼ା ନିକଟସ୍ଥ କୋକୋଡ଼ିଆ ମୁଣ୍ଡାଠାରେ ଏକ ପୋଲ ନିର୍ମାଣ ନେଇ ଶନିବାର ଗ୍ରାମବାସୀ ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତିଙ୍କୁ ଭେଟିଛନ୍ତି। କଣ୍ଡାସରଗୁଡ଼ା, ଘାଟୁଆଳିଗୁଡ଼ା, ଆସଙ୍ଗା, ପୂଜାରିଗୁଡ଼ା, ଗାଧବାଗୁଡ଼ା ଭଳି ୧୦ ଖଣ୍ଡ ଗ୍ରାମର ଲୋକ କୋଟପାଡ ସହର ଉପରେ ନିର୍ଭର କରନ୍ତି । କୃଷି ଉତ୍ପାଦିତ ଜିନିଷପତ୍ର ଏହି ସହରରେ କ୍ରୟବିକ୍ରୟ କରି ଗୁଜରଣ ମେଣ୍ଟାନ୍ତି। ମାତ୍ର ଇନ୍ଦ୍ରାବତୀ ନଦୀ ଦ୍ୱାରା ଏହି ୨ ଗ୍ରାମ ବିଭକ୍ତ ହୋଇଛି। ଗୋଟିଏ ପଟେ ନବରଙ୍ଗପୁର ଓ ଅନ୍ୟପଟେ କୋରାପୁଟ ଜିଲା ରହିଛି। କୋରାପୁଟ ଜିଲାର କୋଟପାଡ଼ଠାରେ ପଡୁଥିବା ଏହି ନଦୀ ଯୋଗୁ ଅଞ୍ଚଳବାସୀ ବହୁ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ରୋଗୀଙ୍କୁ ଡାକ୍ତରଖାନା ନେବା ହେଉ ଅବା ଛାତ୍ରୀଛାତ୍ର ପାଠ ପଢ଼ି ଯିବାକୁ ହେଉ ସମସ୍ତେ ସମସ୍ୟାରେ ପଡୁଛନ୍ତି ବୋଲି ଗ୍ରାମବାସୀ ବିଧାୟକଙ୍କୁ ଅବଗତ କରାଇଥିଲେ।

### ପୋଡ଼ିଗଲା ଲକ୍ଷାଧିକ ଟଙ୍କାର ସାମଗ୍ରୀ

ଜୟପୁର,୨୫।୧୨(ନି.ପ୍ର.)

ଜୟପୁର ସହର ଏନ୍‌କେଟି ରୋଡ୍‌ରେ ରହୁଥିବା ରାଜେଶ୍ୱରୀ ସାହୁଙ୍କ ଘରେ ଶନିବାର ଅଗ୍ନିକାଣ୍ଡ ଘଟି ଲକ୍ଷାଧିକ ଟଙ୍କାର ସାମଗ୍ରୀ ପୋଡ଼ିଯାଇଛି। ଦମକଳ ବାହିନୀ ପହଞ୍ଚିନିଆଁକୁ ଆୟତ୍ତ କରିଥିଲେ। ଶର୍ଟସର୍କିଟ ଯୋଗୁ ଅଗ୍ନିକାଣ୍ଡ ଘଟିଥିବା କୁହାଯାଉଛି ।

### ରୋଗୀ କଲ୍ୟାଣ ସମିତି ବୈଠକ



ଚିତ୍ରକୋଣ୍ଡା,୨୫।୧୨(ଡି.ଏନ.ଏ.)

ମାଲକାନଗିରି ଜିଲା ଚିତ୍ରକୋଣ୍ଡା ଉପଖଣ୍ଡ ଚିକିତ୍ସାଳୟରେ ଚିକିତ୍ସାଳୟ ଅଧକ୍ଷ କ୍ଷୀରୋଦ ଚନ୍ଦ୍ର ମହନ୍ତଙ୍କ ତତ୍ତ୍ୱାବଧାନରେ ରୋଗୀ କଲ୍ୟାଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଧାୟକ ପୂର୍ଣ୍ଣଚନ୍ଦ୍ର ବାକା ଏଥିରେ ଅଧକ୍ଷତା କରିଥିଲେ। ବୈଠକରେ ବିଡ଼ିଓ ରାହୁଲ ମଣ୍ଡଳଙ୍କ ସମେତ କମିଟିରେ ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ। ଚଳିତ ଆର୍ଥିକ ବର୍ଷରେ ଚିତ୍ରକୋଣ୍ଡା ଉପଖଣ୍ଡ ଚିକିତ୍ସାଳୟରେ କରାଯାଇଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟକ୍ରମ, ଆର୍ଥିକ ଆୟବ୍ୟୟ ସମ୍ପର୍କରେ ବୈଠକରେ ଆଲୋଚନା କରାଯାଇଥିଲା। ଆଗାମୀ ଦିନରେ ଚିକିତ୍ସାଳୟରେ କେଉଁସବୁ କାର୍ଯ୍ୟ କରାଯିବ ସେ ନେଇ ଆଲୋଚନା ହୋଇଥିଲଶ। ବୈଠକକୁ ଆକାଉଣ୍ଟାଣ୍ଟ ରାଜେନ୍ଦ୍ର ଦାସ,ସନ୍ତୋଷ ଶାହା ପରିଚାଳନା କରିଥିଲେ। ଫାର୍ମାସିଷ୍ଟ ଏମ. ଶ୍ରୀନିବାସ ନାୟକ ଧନ୍ୟବାଦ ଦେଇଥିଲେ।

### ବିଜେଡି ପକ୍ଷରୁ ସମୀକ୍ଷା ବୈଠକ

ମାଲକାନଗିରି,୨୫।୧୨(ଡି.ଏନ.ଏ.)

ମାଲକାନଗିରି ସଦର ବ୍ଲକ ଜୋନ୍-୨ ଚଲାଣଗୁଡ଼ା ପଞ୍ଚାୟତ ସିଆଡିମାଳ ଶିବମନ୍ଦିରଠାରେ ବିଜେଡିପକ୍ଷରୁ ଏକ ସମୀକ୍ଷା ବୈଠକ ଶନିବାର ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ଏମ୍‌ପି ପ୍ରଦୀପ ମାଝି, ପୂର୍ବତନ ବିଧାୟକ ମାନସ ମାଡକାମୀ, ଜିଲା ସାଧାରଣ ସମ୍ପାଦକ ଗୋପାଳକୃଷ୍ଣ ପଣ୍ଡା, ଏମ୍‌ପି ପ୍ରତିନିଧି ବି.କାମେଶ୍ୱର ରାଓ, ସଂଯୋଜକ ପ୍ରଫୁଲ୍ଲ ପଣ୍ଡା, ଜୋନ୍-୨ ସଭାପତି ସୁଭାଷ ବାନାର୍ଜୀ, ଉପସଭାପତି ଗାନ୍ଧୀ ପଣ୍ଡା, ସମ୍ପାଦକ ଅଖିଳ ମଣ୍ଡଳ, ଚଲାଣଗୁଡ଼ା ସରପଞ୍ଚ ବିବାସ ମିସ୍ତ୍ରି ପ୍ରମୁଖ ଉପସ୍ଥିତ ରହି ଜୋନ୍-୨ର ୱାର୍ଡକମିଟି କିଭଳି ଚାଲିଛି ସେନେଇ ସମୀକ୍ଷା କରିଥିଲେ। ଆଗାମୀ ଦିନରେ ହେବାକୁ ଥିବା ତ୍ରିସ୍ତରୀୟ ନିର୍ବାଚନରେ ଦଳ କିଭଳି ଭଲ ପ୍ରଦର୍ଶନ କରିବ ସେନେଇ ଆଲୋଚନା ହୋଇଥିଲା। କର୍ମୀ କେ.ରାହୁଲ, ସୁରେନ୍ଦ୍ର ବେମାଲ, ବିକାଶ ଦାସ, ରବି ରାଜେଶ, ଲକ୍ଷ୍ମୀକାନ୍ତ ପୂଜାରୀ, ଟି.ମୁତ୍ୟାଲୁ, ପି.ସାଗର ପ୍ରମୁଖ ଉପସ୍ଥିତ ଥିଲେ।

# ଗରିବଙ୍କୁ ସ୍ଥାୟୀ ଜମିପଟ୍ଟା,ଆବାସ ଯୋଜନାରେ ସାମିଲ ନେଇ ସର୍ଭେ

ମାଲକାନଗିରି,୨୫।୧୨(ଡି.ଏନ୍.ଏ.)

ମାଲକାନଗିରି ପୌର ପରିଷଦ ଅଞ୍ଚଳରେ ବସବାସ କରୁଥିବା ଗରିବ ଶ୍ରେଣୀର ଲୋକମାନଙ୍କ ପାଇଁ ସ୍ଥାୟୀ ଜମିପଟ୍ଟା ଯୋଗାଇ ଆବାସ ଯୋଜନାରେ ଗୃହ ନିର୍ମାଣ ଲାଗି ଚିହ୍ନଟ ପ୍ରକ୍ରିୟା ଆରମ୍ଭ ହୋଇଛି । ଶନିବାର ୧୯ ନମ୍ବର ୱାର୍ଡ ରିକ୍ଲାମେସନ କଲୋନିରୁ ଏହି କାର୍ଯ୍ୟ ଆରମ୍ଭ ହୋଇଥିଲା। ପୌରଯନ୍ତ୍ରୀ ଶୁଭକ୍ରାନ୍ତ ଜେନାଙ୍କ ସହ ପୌର କର୍ମଚାରୀ ଘର ଘର ବୁଲି ଗରିବ ହିତାଧିକାରୀ ଚିହ୍ନଟ ଆରମ୍ଭ କରିଛନ୍ତି। ଚିହ୍ନଟ ପ୍ରକ୍ରିୟା ପରେ ତାଲିକା ଉଚ୍ଚ କର୍ତ୍ତୃପକ୍ଷଙ୍କୁ ପ୍ରଦାନ କରାଯିବ। ଗରିବ ହିତାଧିକାରୀମାନେ ଯେପରି ପଟ୍ଟା ପାଇବା ସହ ଆବାସ ଯୋଜନାରେ ଘର ତିଆରି କରି ବସବାସ କରିପାରିବେ ସେଥିପ୍ରତି ଗୁରୁତ୍ୱାରୋପ କରାଯାଉଛି ବୋଲି ଯନ୍ତ୍ରୀ ଜେନା କହିଛନ୍ତି। ଚିହ୍ନଟ କାର୍ଯ୍ୟରେ କଲୋନିର ଚୈତନ୍ୟ ଦୁର୍ଗା , ରାଜୁ ଜାନି , ଗୌରବ ସଗରିଆଙ୍କ ସହ ଅନ୍ୟମାନେ ସହଯୋଗ କରିଥିଲେ।


ପୌର ପରିଷଦ ପକ୍ଷରୁ କର୍ମଚାରୀ ହିତାଧିକାରୀ ଚିହ୍ନଟ କରୁଛନ୍ତି।

# ଲକ୍ଷାଧିକ ଗଞ୍ଜେଇ ଗଛ ନଷ୍ଟକଲେ ବିଭାଗୀୟ କର୍ମଚାରୀ

ମାଲକାନଗିରି/ଚିତ୍ରକୋଣ୍ଡା, ୨୫।୧୨(ଡି.ଏନ୍.ଏ.)

ମାଲକାନଗିରି ଜିଲା ଚିତ୍ରକୋଣ୍ଡା ପୋଲିସ ଓ ଅବକାରୀ ବିଭାଗ ପକ୍ଷରୁ ମିଳିତ ଚଢ଼ାଉ କରି ଦୁଇଟି ସ୍ଥାନରୁ ୯୧ ଏକର ଜମିରୁ ୧ଲକ୍ଷ ୧୯ହଜାର ୭୦୦ ଗଞ୍ଜେଇ ଗଛ କାଟି ନଷ୍ଟ କରାଯାଇଛି। ଚିତ୍ରକୋଣ୍ଡା ଥାନା ଗୁଣ୍ଠାବେଡ଼ା ପଞ୍ଚାୟତର ଦିଶାରିଗୁଡ଼ା ଜଙ୍ଗଲରେ ବେଆଇନ ଭାବେ ୩୫ ଏକର ଜାଗାରେ ହୋଇଥିବା ୫୨ହଜାର ୫୦୦ ଗଞ୍ଜେଇ ଗଛ କାଟି ନଷ୍ଟ କରାଯାଇଥିଲା। ସେହିପରି ବଡ଼ଡୁରାଳ ପଞ୍ଚାୟତର ଗାଦବାଗୁଡ଼ା ଓ ଦଳପତିପୁଟ ନିକଟସ୍ଥ ଅଞ୍ଚଳରେ ପ୍ରାୟ ୫୬ ଏକର ଜମିରେ ଲଗାଯାଇଥିବା ୬୭ହଜାର ୨୦୦ ଗଞ୍ଜେଇ ଗଛକୁ କାଟି ପୋଡି ନଷ୍ଟ କରାଯାଇଛି। ଏଥିସହ ସୋମନାଥପୁର ପଞ୍ଚାୟତ ଆଲାମଗୁଡା ଗ୍ରାମ ନିକଟରେ ୩୫ ଏକର ଜାଗାରୁ ପ୍ରାୟ ୫୨ହଜାର ଗଞ୍ଜେଇ ଗଛକୁ ନଷ୍ଟ କରାଯାଇଛି ବୋଲି ଏସ୍‌ଡିପିଓ ଅଂଶୁମାନ ଦ୍ୱିବେଦୀ କହିଛନ୍ତି।


କର୍ମଚାରୀମାନେ ଗଞ୍ଜେଇ ଗଛ ନଷ୍ଟ କରୁଛନ୍ତି।

### ଜିଲା କୋର୍ଟ ପରିସରରେ ଆହାର କେନ୍ଦ୍ର, ଏଟିଏମ୍ ଖୋଲିବାକୁ ଦାବି

ଜୟପୁର, ୨୫।୧୨ (ନି.ପ୍ର.)

ଜୟପୁରସ୍ଥିତ ଜିଲା କୋର୍ଟ ପରିସରରେ ଆହାର କେନ୍ଦ୍ର ଓ ଏଟିଏମ ଖୋଲିବାକୁ ଦାବି ହୋଇଛି । ଏନେଇ ସମାଜିକ କର୍ମୀ ବି. ହରି ରାଓ ଜୟପୁର ଉପ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଜୟପୁର ଜିଲା କୋର୍ଟରେ ପ୍ରାୟ ୧୫ଟି କୋର୍ଟ କାର୍ଯ୍ୟକ୍ଷମ ହେଉଛି। ଏହି କୋର୍ଟଗୁଡିକରେ ସମସ୍ତ ପ୍ରକାର ଦେୱାନି ଓ ଫୌଜଦାରିମାମଲାର ବିଚାର ହେଉଛି। ବିଭିନ୍ନ ମାମଲାରେ ଜଡିତ ବ୍ୟକ୍ତି ଓ ତାଙ୍କ ସମ୍ପର୍କୀୟମାନେ ବହୁ ଦୁରଦୁରାନ୍ତରୁ ସକାଳୁ ଆସି ସନ୍ଧ୍ୟା ଯାଏ ଅପେକ୍ଷା କରିଥାନ୍ତି । ଏମାନଙ୍କ ମଧ୍ୟରୁ ଅଧିକାଂଶ ଗିରବ ଶ୍ରେଣୀର। କୋର୍ଟ ପରିସରରେ ହୋଟେଲ ନାହିଁ । ଫଳରେ ଅଧିକାଂଶ ଲୋକ ନିଜ ମାମଲାର ବିଚାରଣା ନ ହେବା ଯାଏ ଭୋକରେ ରହିଥାନ୍ତି । ଏହା ବ୍ୟତୀତ ମାମଲାଗୁଡ଼ିକରେ ଖର୍ଚ୍ଚ ପାଇଁ ଅଧିକ ଟଙ୍କା ଆବଶ୍ୟକ ପଡିଲେ ଏଠାରେ ଏଟିଏମର ବ୍ୟବସ୍ଥା ନ ଥିବାରୁ ଲୋକେ ଆସୁବିଧାର ସମ୍ମୁଖୀନ ହେଉଛନ୍ତି । ଏହାକୁ ବିଚାର କରି କୋର୍ଟ ପରିସରରେ ଏକ ଆହାର କେନ୍ଦ୍ର ଓ ଏଟିଏମ ବ୍ୟବସ୍ଥା କରିବାକୁ ରମେଶ ସାହୁ, ବିମଳ ପଟ୍ଟନାୟକ ପ୍ରମୁଖ ଦାବିକରିଛନ୍ତି।

# ସ୍ତ୍ରୀଙ୍କୁ ବଳାତ୍କାର, ହତ୍ୟା ପାଇଁ ସାଙ୍ଗ ହାତରେ ଟେକିଦେଲେ

## ଅଭିଯୁକ୍ତ ସ୍ୱାମୀ ସମେତ ୨ ଗିରଫ

ରାଇଘର,୨୫।୧୨(ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ରାଇଘର ବ୍ଲକ କୁନ୍ଦେଇ ଥାନା ଅଞ୍ଚଳରେ ସ୍ତ୍ରୀଙ୍କୁ ବଳାତ୍କାର ଓ ହତ୍ୟା ପାଇଁ ସାଙ୍ଗ ହାତକୁ ଟେକି ଦେଇଥିବା ଭଳି ଅଭାବନୀୟ ଘଟଣା ଘଟିଛି। ବିବାହର ୩ ବର୍ଷ ପରେ ଦାଦନ ଖଟିବାକୁ ଯିବା କହି ସ୍ୱାମୀ ସ୍ତ୍ରୀଙ୍କୁ ଏକ ନିର୍ଜନ ଜଙ୍ଗଲ ମଧ୍ୟକୁ ଡାକି ନେଇଥିଲେ। ପୂର୍ବ ପ୍ରସ୍ତୁତି ଅନୁଯାୟୀ ସେଠାରେ ସ୍ତ୍ରୀଙ୍କୁ ବଳାତ୍କାର କରି ମାରିଦେବାକୁ ଦୁଇ ସାଙ୍ଗକୁ କହିଥିଲେ। ଏହି ଘଟଣାରେ କୁନ୍ଦେଇ ପୋଲିସ ଅଭିଯୁକ୍ତ ସ୍ୱାମୀ ଏବଂ ତାଙ୍କର ଜଣେ ସାଙ୍ଗଙ୍କୁ ଗିରଫ କରିଛି।

ସୂଚନା ଅନୁଯାୟୀ, କୁନ୍ଦେଇ ଥାନା ଅଞ୍ଚଳର ଜଣେ ଯୁବତୀଙ୍କୁ ରାଇଘର ଥାନା ଅଞ୍ଚଳର ଜଣେ ଯୁବକ ୩ବର୍ଷ ତଳେ ବିବାହ କରିଥିଲେ। ସମ୍ପର୍କରେ ତିକ୍ତତା ଆସିବାପରେ ଅଢ଼େଇ ବର୍ଷ ଅଲଗା ରହିଥିଲେ । ପରେ ସ୍ୱାମୀ ବଳାତ୍କାର ଓ ହତ୍ୟା ପାଇଁ ଯୋଜନା କରିଥିଲେ। ହାଇଦ୍ରାବାଦ ଯାଇ କାମ କରିବା ଏବଂ ନୂତନ ଜୀବନ ଆରମ୍ଭ କରିବା ପାଇଁ ପ୍ରତିଶ୍ରୁତି ଦେଇ ଡିସେମ୍ବର ୨୦ ସନ୍ଧ୍ୟାରେ ସ୍ତ୍ରୀଙ୍କୁ ହଳଦୀ ଘାଟି ନିକଟକୁ ନେଇ ଦୁଇ ସାଙ୍ଗଙ୍କ ହାତକୁ ଟେକି ଦେଇଥିଲେ। ସେଠାରେ ବଳାତ୍କାର ଏବଂ ହତ୍ୟା କରିବା ପାଇଁ କହିଥିଲେ । ବହୁ ପ୍ରତିବାଦ ସତ୍ତ୍ୱେ ସ୍ୱାମୀଙ୍କ ଜଣେ ସାଙ୍ଗ ତାଙ୍କୁ ବଳାତ୍କାର କରିଥିଲେ। କୌଶଳ କ୍ରମେ ମହିଳା ଜଙ୍ଗଲରୁ ଖସି ଆସି ନିକଟସ୍ଥ ଗ୍ରାମରେ ରାତିରେ ଆଶ୍ରୟ ନେଇଥିଲେ। ସେଠାରୁ ଫୋନ୍‌ରେ ଭାଇ ଏବଂ ବଡ଼ ବାପାଙ୍କୁ ଖବର ଦେବାପରେ ସେମାନେ ଆସି ତାଙ୍କୁ ଉଦ୍ଧାର କରି ଘରକୁ ନେଇଥିଲେ। ଏ ନେଇ ମହିଳା କୁନ୍ଦେଇ ଥାନାରେ ଲିଖିତ ଅଭିଯୋଗ କରିବା ପରେ ଥାନାଧିକାରୀ ପ୍ରଶାନ୍ତ ସେଠୀ ଘଟଣାର ତଦନ୍ତ କରି ମୁଖ୍ୟ ଅଭିଯୁକ୍ତ ସ୍ୱାମୀ ଏବଂ ବଳାତ୍କାର କରିଥିବା ସ୍ୱାମୀଙ୍କ ସାଙ୍ଗଙ୍କୁ ଗିରଫ କରିଛି। ଘଟଣାରେ ଅନ୍ୟ ଜଣେ ଅଭିଯୁକ୍ତ ଫେରାର ଥିବା ଜଣାପଡ଼ିଛି। ଏ ନେଇ କୁନ୍ଦେଇ ଥାନାରେ ୮୩/୨୧ ରେ ଏକ ମାମଲା ରୁଜୁକରି ପୋଲିସ ତଦନ୍ତ ଜାରି ରଖିଛି।

# ମହିଳାଙ୍କ ଆତ୍ମହତ୍ୟା

କୋରାପୁଟ,୨୫।୧୨(ସ୍ୱ.ପ୍ର.)- କୋରାପୁଟ ସହରର ଓଏମପି ଅଞ୍ଚଳରେ ଜଣେ ମହିଳା ଆତ୍ମହତ୍ୟା କରିଛନ୍ତି। ସେ ହେଲେ ଶୁଭ୍ରାଂଶୁ କୁମାର ମୁଣ୍ଡଙ୍କ ସ୍ତ୍ରୀ ମୋନାଲିସା ମୁଣ୍ଡ (୨୬) ବୋଲି ଜଣାପଡିଛି। ଶୁଭ୍ରାଂଶୁ ଓଏସଏପି ତୃତୀୟ ବାଟାଲିୟନରେ ଯବାନ ଭାବେ କାର୍ଯ୍ୟ କରନ୍ତି। ସ୍ତ୍ରୀ ମୋନାଲିସାଙ୍କୁ ଧରି ସେ ଓଏମପି ଅଞ୍ଚଳରେ ରହୁଥିଲେ। ମୋନାଲିସାଙ୍କ ଆତ୍ମହତ୍ୟାର କାରଣ ଜଣାପଡିନାହିଁ। ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହ ବ୍ୟବଛେଦ ପାଇଁ କୋରାପୁଟ ମେଡିକାଲକୁ ପଠାଇଥିବା ଥାନା ଅଧିକାରୀ କହିଛନ୍ତି।

# ସଙ୍କୁଳସ୍ତରୀୟ ଶିକ୍ଷକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ

ମାଲକାନଗିରି,୨୫।୧୨(ଡି.ଏନ.ଏ.)

ମାଲକାନଗିରି ଜିଲା ସଦର ମହକୁମା ସରସ୍ୱତୀ ଶିଶୁ ବିଦ୍ୟାଳୟ ପରିସରରେ ସଙ୍କୁଳ ସ୍ତରୀୟ ଶିକ୍ଷକ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି । ଜିଲା ମଙ୍ଗଳ ଉନ୍ନୟନ ଅଧିକାରୀ କୃପାସିନ୍ଧୁ ବେହେରା ଶିବିରକୁ ଉଦ୍‌ଘାଟନ କରିଥିଲେ। ଭାରତୀୟ ଷ୍ଟେଟ୍ ବ୍ୟାଙ୍କର ମୁଖ୍ୟ ପରିଚାଳକ ଅନିଲ କୁମାର ଜାମୁଡ଼ା, ସଂଯୋଜକ ମନୋରଞ୍ଜନ ଦାସ ଅତିଥି ରୂପେ ଯୋଗଦେଇ ସରସ୍ୱତୀ ଶିଶୁ ମନ୍ଦିରରେ ଅଧ୍ୟୟନ କରିଥିବା ଭଉଣୀଭାଇମାନେ ଆଜି ଦେଶରେ ଅନେକ ଉଲ୍ଲେଖନୀୟ ପଦପଦବୀରେ ରହି ଦେଶମାତୃକାର ସେବା କରୁଛନ୍ତି। ଏହି ବିଦ୍ୟାଳୟଗୁଡ଼ିକରେ ଶିଶୁମାନେ ମାତୃଭାଷା, ଆଚରଣ, ଉଚ୍ଚାରଣ, ପରିବେଶ, ଗୁରୁ ଏବଂ ପରିବାରକୁ ସମ୍ମାନ ପ୍ରଦାନ କ୍ଷେତ୍ରରେ କିପରି ଅଧିକରୁ ଅଧିକ ଶିକ୍ଷା ଗ୍ରହଣ କରିବେ ସେଥିପ୍ରତି ଗୁରୁମା'ଗୁରୁଜୀଙ୍କ ବିଶେଷ ଦାୟିତ୍ୱ ରହିଛି ବୋଲି ଅତିଥିମାନେ ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମରେ ସଙ୍କୁଳ ପ୍ରମୁଖ କବିରାଜ ପ୍ରଧାନଙ୍କ ସମେତ ଜିଲାର ୧୦ ବିଦ୍ୟାଳୟରୁ ୬୮ ଜଣ ଆଚାର୍ଯ୍ୟା ଆଚାର୍ଯ୍ୟ ଅଂଶଗ୍ରହଣ କରିଥିଲେ । ସମ୍ପାଦକ ବୁଦ୍ଧି ବାବନ ନାୟକ ପରିଚାଳନା କରିଥିଲେ।


ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ ।

# ନେରେଡିବାଲସାରେ ନିର୍ମାଣ କାର୍ଯ୍ୟ ତଦାରଖ କଲେ ସାଲୁର ବିଧାୟକ

ପଟ୍ଟାଙ୍ଗୀ,୨୫।୧୨(ଡି.ଏଡ.ଏ.)

କୋରାପୁଟ ଜିଲା ପଟ୍ଟାଙ୍ଗୀ ବ୍ଲକ ଅନ୍ତର୍ଗତ ତଥା ଆନ୍ଧ୍ର ସୀମାକୁ ଲାଗିଥିବା କୋଟିଆ ପଞ୍ଚାୟତକୁ ହାତେଇବା ଲାଗି ଆନ୍ଧ୍ର ବିଭିନ୍ନ ସମୟରେ କଳକୌଶଳ ପ୍ରୟୋଗ ଜାରି ରଖିଛି। ସୁପ୍ରିମକୋର୍ଟଙ୍କ ରାୟକୁ ମଧ ସମ୍ମାନ ଦେଇନାହିଁ ଏହି ରାଜ୍ୟ। ଶୁକ୍ରବାର ଓଡ଼ିଶା ସୀମାନ୍ତରେ ଅଙ୍ଗନୱାଡ଼ି ଗୃହ ନିର୍ମାଣ କରୁଥିବା ଆନ୍ଧ୍ରକୁ କୋରାପୁଟ ଜିଲା ପ୍ରଶାସନ ଆବଶ୍ୟକ ଜବାବ ଦେଇଥିଲା। ଜିଲା ଓ ବ୍ଲକ ପ୍ରଶାସନର ଅଧିକାରୀମାନେ ସେଠାରେ ପହଞ୍ଚି ନିର୍ମାଣ କାର୍ଯ୍ୟ ବନ୍ଦ କରାଇଥିଲେ। ସେଠାରେ ଥିବା ଆନ୍ଧ୍ର ଅଧିକାରୀଙ୍କୁ ସ୍ଥାନ ଛାଡ଼ି ଚାଲିଯିବାକୁ ନିର୍ଦ୍ଦେଶ ଦେଇଥିଲେ। ଏପରି ସ୍ଥଳେ ଏହି ଘଟଣାର ୨୪ ଘଣ୍ଟା ନ ପୂରୁଣୁ ସାଲୁର ବିଧାୟକ ପିଡିକା ରାଜନା ସୀମାନ୍ତରେ ଏକ ନୂଆ ବିବାଦ ସୃଷ୍ଟି କରିଛନ୍ତି। ସେ ଶନିବାର କୋଟିଆର ନେରେଡିବାଲସା ଗ୍ରାମରେ ଆନ୍ଧ୍ର ପକ୍ଷରୁ ଆରମ୍ଭ ହୋଇଥିବା ମାର୍କେଟ ଷ୍ଟଲ୍ ନିର୍ମାଣ କାର୍ଯ୍ୟ ବୁଲି ଦେଖିବା ସହ କାର୍ଯ୍ୟ ତଦାରଖ କରି ଫେରିଛନ୍ତି। ଏହି ଅବସରରେ ସେ କହିଛନ୍ତି, କୋଟିଆ ବିବାଦର ସମାଧାନ ଲାଗି ସୁପ୍ରିମକୋର୍ଟଙ୍କ ପକ୍ଷରୁ କୌଣସି ନିର୍ଦ୍ଦେଶ ମିଳିନାହିଁ। ଏପରିସ୍ଥଳେ ଶୁକ୍ରବାର ଓଡ଼ିଶା ପକ୍ଷରୁ ଆନ୍ଧ୍ରର ନିର୍ମାଣ କାର୍ଯ୍ୟକୁ ବନ୍ଦ କରିବା ଠିକ୍ ନୁହେଁ ବୋଲି ରାଜନା ପ୍ରକାଶ କରିଥିଲେ।


ନେରେଡି ବାଲାସାରେ ସାଲୁର ବିଧାୟକ ମାର୍କେଟ ଷ୍ଟଲ ନିର୍ମାଣ ଅନୁଧ୍ୟାନ କରୁଛନ୍ତି ।

### ସୁସ୍ଥ ପରିବେଶ ବାର୍ତ୍ତା ଦେଲେ ଛାତ୍ର

ଜୟପୁର, ୨୫।୧୨ (ନି.ପ୍ର.)

ଜୟପୁର ସିଟି ହାଇସ୍କୁଲର ୟୁକୋ କ୍ଲବ ପକ୍ଷରୁ ତରଫରୁ ପ୍ରକୃତିଓ ପରିବେଶର ସୁରକ୍ଷା ନେଇ ଏକ ସାଇକେଲ ଯାତ୍ରା ଅନୁଷ୍ଠିତ ହୋଇଛି। ଆଜାଦି କା ଅମୃତ ମହୋତ୍ସବ ଅବସରରେ ହୋଇଥିବା ଏହି ଶୋଭାଯାତ୍ରାରେ ୟୁକୋ କ୍ଲବର ପ୍ରତାପ ପଟ୍ଟନାୟକଙ୍କ ଓ ଛାତ୍ରମାନେ ସାମିଲ ହୋଇ ପ୍ରକୃତିକୁ ସୁରକ୍ଷା ଦେବା, ପ୍ରତ୍ୟେକ ଲୋକ ଗୋଟିଏ ଗଛ ଲଗାଇବା, ପଲିଥିନ ବର୍ଜନ, ସାଇକେଲ ଚଲାଇ ସୁସ୍ଥ ରହିବା ଆଦି ବାର୍ତ୍ତା ଦେଇ ଲୋକଙ୍କୁ ସଚେତନ କରିଥିଲେ। କାର୍ଯ୍ୟକ୍ରମରେ ପି. ଶ୍ରୀନିବାସ ରାଓ, ପ୍ରଦିପ୍ତ ସାହୁ, କେ. ମୋହନ ରାଓ, ଧନପତି ଭତ୍ରା ଜ ଉପସ୍ଥିତ ଥିଲେ। ଏହି ଅବସରରେ ନଦୀ ଓ ପରିବେଶ ବିଷୟ ବସ୍ତୁନେଇ ସାଧାରଣ ଜ୍ଞାନ, ରଚନା ଲିଖନ ପ୍ରତିଯୋଗିତା କରାଯାଇଥିଲା।

